# ଶାନ୍ତି, ମୈତ୍ରୀ, ଭାଇଚାରା ବଜାୟ ରଖିବାକୁ ଆଲ୍ଲାଙ୍କୁ ପ୍ରାର୍ଥନା

**ରସୁଲପୁର/ବ୍ରହ୍ମବରଦା,୧୧।୪(ରଞ୍ଜିତ ରାଉତ/ଯଯାତି କେଶରୀ ବେହେରା):**

ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ଗୁରୁବାର ଇଦ୍-ଉଲ୍-ଫିତର ପାଳିତ ହୋଇଯାଇଛି। ରସୁଲପୁର ବ୍ଲକ ଅଧୀନ ମିର୍ଜାପୁର, ହାଜିବାଗ, ଦୁର୍ଗାପୁର, ବଡ଼କଇଞ୍ଚି, ଅତଲାପୁର ଓ ମହେଶ୍ୱରପୁରରେ ଏହି ପର୍ବକୁ ବହୁ ଆଡ଼ମ୍ବରରେ ପାଳନ କରାଯାଇଛି। ବ୍ଲକ୍‌ର ବ୍ରହ୍ମବରଦା ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ସକାଳୁ ମୁସଲମାନ ଭାଇମାନେ ନୂତନ ବସ୍ତ୍ର ପରିଧାନ କରି ଇଦ୍‌ଗାହ ପଡ଼ିଆରେ ସମବେତ ହୋଇଥିଲେ। ସେଠାରେ ସମୂହ ନମାଜ ପାଠ କରିବା ସହ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକ ଜଣାଇଥିଲେ। ସମୂହ ନମାଜ ପାଠ କରି ବିଶ୍ୱରେ ଶାନ୍ତି, ମୈତ୍ରୀ ଓ ଭାଇଚାରା ବଜାୟ ରଖିବାକୁ ଆଲ୍ଲାଙ୍କ ନିକଟରେ ପ୍ରାର୍ଥନା କରିଥିଲେ।



ଯାଜପୁର ଜିଲା ବଡ଼ଚଣା ବ୍ଲକ ଚାରିନଙ୍ଗଳସ୍ଥିତ ଇଦ୍‌ଗା ପଡ଼ିଆଠାରେ ସମୂହ ନମାଜ ପାଠ କରାଯାଉଛି।

ବ୍ରହ୍ମବରଦା ପଞ୍ଚାୟତସ୍ଥିତ ବ୍ୟାଙ୍କ ଛକ ଇଦ୍‌ଗା ପଡ଼ିଆଠାରେ ବ୍ରହ୍ମବରଦା ଏବଂ ଚାନ୍ଦପୁର-ମହେଶ୍ୱରପୁର ପଞ୍ଚାୟତର ମୁସଲମାନ ଭାଇମାନେ ଇଦ୍-ଉଲ୍-ଫିତର ପର୍ବ ପାଳନ କରିଥିଲେ। ଅବିଭକ୍ତ ବ୍ରହ୍ମବରଦା ଅଞ୍ଚଳରେ ହିନ୍ଦୁ ଓ ମୁସଲମାନଭାଇମାନେ ଏକତ୍ର ଚଳି ଆସୁଥିବାରୁ ଏଠାରେ ସବୁଦିନ ପାଇଁ କିପରି ଭାଇଚାରା ବଜାୟ ରହିବ ସେ ନେଇ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

ବରୀ ବିଧାୟିକା ସୁନନ୍ଦା ଦାସ, ଭାଜପା ନେତା ଉମେଶ ଜେନା, ବିଜେଡି ରାଜ୍ୟ ସମ୍ପାଦକ ବିଶ୍ୱରଞ୍ଜନ ମଲ୍ଲିକ, ଯୁବନେତା ସଞ୍ଜୀବ ଜେନା, କଂଗ୍ରେସ ନେତ୍ରୀ ଆରତି ଦେଓ, ବରୀ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, ୩୬ ନମ୍ବର ଜିଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ, ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶିନୀ ଦେଓ, ମହେଶ୍ୱରପୁର ସରପଞ୍ଚ ଝରଣା ପାତ୍ର, ଯୁବନେତା ପ୍ରଦୀପ ଦାସ, ରାକେଶ ଦେଓ, ଉଦୟଭାନୁ ଦେଓ, ଅନିଲ ରାଉତ, ଶ୍ରୀକାନ୍ତ ଦାସ, ପ୍ରଶାନ୍ତ ମୁଦୁଲି, ହିମାଂଶୁ ନାୟକ, ଅତୁଲ୍ୟ ରାଉତ, ଉମେଶ ବଟ, ପ୍ରଶାନ୍ତ ରାଉତ, ଚିତ୍ତରଞ୍ଜନ ଦାସ ଓ ବିଜେଡି ଛାତ୍ର ସଭାପତି ଦୀନବନ୍ଧୁ ରାଉତଙ୍କ ସମେତ ବହୁ ସ୍ଥାନୀୟ ନେତୃମଣ୍ଡଳୀ ବ୍ରହ୍ମବରଦା ଇଦ୍‌ଗା ପଡ଼ିଆ ନିକଟରେ ପହଞ୍ଚି ମୁସଲମାନ ଭାଇମାନଙ୍କୁ ଇଦ୍ ଶୁଭେଚ୍ଛା ଜଣାଇଥିଲେ।



ବ୍ରହ୍ମବରଦାରେ ଇଦ୍ ପାଳନ ଅବସରରେ ମିଷ୍ଟାନ୍ନ ବଣ୍ଟନ କରାଯାଉଛି।



ମୁସଲମାନ ଭାଇ ଭଉଣୀଙ୍କ ସହ ବରୀ ବିଧାୟିକା ଏବଂ ଅନ୍ୟମାନେ।

## ବଡ଼ଚଣାରେ ଇଦ୍-ଉଲ୍-ଫିତର

**ଚଣ୍ଡିଖୋଲ/ବଡ଼ଚଣା,୧୧।୪ (ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଇଦ୍-ଉଲ୍-ଫିତର ପାଳିତ ହୋଇଯାଇଛି। ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ସ୍ଥିତ ଇଦ୍‌ଗା ପଡ଼ିଆଠାରେ ପ୍ରାୟ ୫ ହଜାର ମୁସିଲିମ ଭାଇ ଏକତ୍ରିତ ହୋଇ ସମୂହ ନମାଜ ପାଠ କରିଥିଲେ। ମୌଲାନା ଫକିରୁଦ୍ଦିନ ହାସୀମ କାସୀମ ସମସ୍ତଙ୍କୁ ନମାଜ ପାଠ କରାଇଥିଲେ। ପରେ ହିନ୍ଦୁ ଓ ମୁସଲିମ ଭାଇମାନେ ସମସ୍ତେ ଆଲିଙ୍ଗନ କରି ଇଦ ମୁବାରକ ଜଣାଇଥିଲେ।

ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, କଂଗ୍ରେସ ନେତା ଅଜୟ ସାମଲ, ପୂର୍ବତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ସମିତିସଭ୍ୟ ଧର୍ମଜିତ ବଳ, ମନ୍ମଥ କେଶରୀ ସାହେବ ରାୟ, ଆମ୍ବା ଅଧ୍ୟକ୍ଷ ବିପିନ ବିହାରୀ ଜେନା ଓ ଜିଲା ପରିଷଦ ସଭ୍ୟ ଯତୀନ୍ଦ୍ର ନାୟକ ପ୍ରମୁଖ ବିଭିନ୍ନ ରାଜନୈତିକ ଦଳର ସଦସ୍ୟ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଥିଲେ। ଇଦ୍‌ଗା କମିଟି ପକ୍ଷରୁ ବଦରୁଦ ହୋଦା, ଅବଦୁଲ ହାଇ, ହଜିବୁର ରହେମନ, ସୁଲତାନ ସୈଫୁଲା ଖାଁ, ଇକବଲ ହୋସେନ, ଗୋଲାମ କିବିରୀୟା ଖାଁ ଓ ଅବଦୁଲ ଗନୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଭରତପୁର, ଝରକୁଳ, ସୁଙ୍ଗୁଡ଼ା, ଅରଖପୁର ଓ ଚଣ୍ଡିତଳଠାରେ ମଧ୍ୟ ମୁସଲମାନ ଭାଇ ଭଉଣୀମାନେ ଆନନ୍ଦ ଉଲ୍ଲାସ ସହ ଇଦ ପର୍ବ ପାଳନ କରିଛନ୍ତି। ଯୁବନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କା ସମସ୍ତ ମୁସଲମାନ ଭଉଣୀଭାଇମାନଙ୍କୁ ଇଦ ମୁବାରକ ଜଣାଇଛନ୍ତି।

## ଧର୍ମଶାଳା ଅଞ୍ଚଳରେ ଶାନ୍ତିଶୃଙ୍ଖଳାରେ ସରିଲା ଇଦ୍

**ଧର୍ମଶାଳା,୧୧।୪(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ଗୁରୁବାର ମୁସଲମାନ ଭାଇମାନଙ୍କ ଇଦ୍‌ପର୍ବ ପାଳିତ ହୋଇଯାଇଛି। ସକାଳୁ ସେମାନେ ନୂତନ ବସ୍ତ୍ର ପରିଧାନ କରି ଇଦ୍‌ଗା ଓ ମସ୍‌ଜିଦରେ ଏକତ୍ରିତ ହୋଇ ସମୂହ ନମାଜ ପାଠ କରିଥିଲେ। ପରେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ଶୁଭେଚ୍ଛା ଜଣାଇଥିଲେ। ଧର୍ମଶାଳା ବ୍ଲକର ଚୋରମୁହାଁ ଇଦ୍‌ଗା ପଡ଼ିଆ, ଧର୍ମଶାଳା ମସ୍‌ଜିଦ, ଚହଟା ମସ୍‌ଜିଦ, ବଡ଼ମଙ୍ଗଳପୁର ଇଦ୍‌ଗା, ତରାପୁର ମସଜିଦ, କାଏମା ମସଜିଦ, ନେଉଳପୁର ଇଦଗାହ ଓ ମସଜିଦରେ ସମୂହ ନମାଜପାଠ କରାଯାଇଥିଲା।

ଆଗକୁ ସାଧାରଣ ନିର୍ବାଚନ ଥିବାରୁ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ଭୋଟ ହାତେଇବା ପାଇଁ ନମାଜପାଠ ସମୟରେ ଇଦ୍‌ଗା ଓ ମସଜିଦରେ ବିଭିନ୍ନ ଦଳର ପ୍ରାର୍ଥୀ ଏବଂ ଆଶାୟୀମାନେ ପହଞ୍ଚି ମୁସଲମାନ ଭାଇମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ନିଜ ନିର୍ବାଚନମଣ୍ଡଳୀର ବିଭିନ୍ନ ମସ୍‌ଜିଦ୍ ଓ ଇଦ୍‌ଗାକୁ ଯାଇ ମୁସଲମାନଭାଇମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେହିପରି କଂଗ୍ରେସ ନେତା କିଷାନ ପଣ୍ଡା ମଧ୍ୟ ବିଭିନ୍ନ ମସ୍‌ଜିଦ ଓ ଇଦ୍‌ଗାକୁ ଯାଇ ମୁସଲମାନ ଭାଇମାନଙ୍କୁ ଇଦ୍ ଶୁଭେଚ୍ଛା ଜଣାଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସମସ୍ତ ନମାଜପାଠ ସ୍ଥାନରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ସବୁଠି ଇଦ୍‌ପର୍ବ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି।



ମୁସଲମାନ ଭାଇମାନଙ୍କ ସହ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ।

## ବିଞ୍ଝାରପୁରର ବିଭିନ୍ନ ଅଞ୍ଚଳରେ ଇଦ୍ ପାଳିତ

**ବିଞ୍ଝାରପୁର,୧୧।୪(ରାମକୃଷ୍ଣ ଦାସ):**

ବିଞ୍ଝାରପୁର ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ହର୍ଷ ଉଲ୍ଲାସର ସହିତ ଇଦ୍-ଉଲ୍-ଫିତର ପାଳିତ ହୋଇଯାଇଛି। ରମଜାନ ମାସର ଶେଷରେ ଚାନ୍ଦ ଦେଖିବା ପରେ ଗୁରୁବାର ପ୍ରତ୍ୟୁଷରୁ ମୁସଲମାନଭାଇମାନେ ନୂତନ ବସ୍ତ୍ର ପରିଧାନ କରି ଆଲ୍ଲାଙ୍କ ନିକଟରେ ବିଶ୍ୱକଲ୍ୟାଣ ପାଇଁ ସମବେତ ନମାଜ ପାଠ କରି ଦୁଆ ମାଗିଛନ୍ତି। ଏହାପରେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକ ଜଣାଇ ସିମେଇ, ଲଚ୍ଛା, ମିଠା ଖାଇ ଖୁସି ମନାଇଛନ୍ତି।

ଏହି ପରିପ୍ରେକ୍ଷୀରେ ସୁରକ୍ଷା ଦୃଷ୍ଟିରୁ ବ୍ଲକର ବିଭିନ୍ନ ସ୍ଥାନରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ବିଞ୍ଝାରପୁର ପୁରୁଣା ଇଦ୍‌ଗାହଠାରେ ମୁଫ୍‌ତି ଗୁଫାରାନ, ନୂଆ ଇଦ୍‌ଗାଠାରେ ହାଫିଜ ଲାଲୀ, ଶାସନ୍ଦା ଜମା ମସଜିଦରେ ମୌଲାନା ରାହାତ ଅଲି ଖାଁ, ଅଳକୁଣ୍ଡରେ ୱାସିମ ରାଜା, କଏଣା ରଘୁନାଥପୁରରେ ମୁଫତି ଓବେଦୁଲା ନମାଜ ପାଠ କରାଇବା ସହିତ ଆଲ୍ଲାଙ୍କ ବାଣୀ ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ସ୍ଥାନୀୟ ବିଧାୟିକା ତଥା ବାଚସ୍ପତି ପ୍ରମିଳା ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ବ୍ଲକ ବିଜେଡି ସଭାପତି ନନ୍ଦକିଶୋର ସାମଲ, କଂଗ୍ରେସ ନେତ୍ରୀ କନକ ମଲ୍ଲିକ, ଅଶୋକ ସାହୁ, ସୁଖ୍ ରଞ୍ଜନ ପରିଡା, ଏମ୍‌ଡି ସବିର ଓ ମୋଜାହିଦ ଖାଁ ପ୍ରମୁଖ ପହଞ୍ଚି ଇଦ୍ ଶୁଭେଚ୍ଛା ଜଣାଇଥିଲେ।



ବିଞ୍ଝାରପୁର ଅଞ୍ଚଳରେ ବିଶ୍ୱକଲ୍ୟାଣ ପାଇଁ ସମବେତ ନମାଜ ପାଠ କରାଯାଉଛି।

## ଛତିଆ ଅଞ୍ଚଳରେ ଇଦ୍-ଉଲ୍-ଫିତର

**ଛତିଆ,୧୧।୪(ସୌମ୍ୟ ରଞ୍ଜନ ସାହୁ):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ପାଇକରାପୁରର ମଦିନା ମସଜିଦଠାରେ ଇଦ୍-ଉଲ୍-ଫିତର ପାଳିତ ହୋଇଯାଇଛି। ଏଥିରେ ଛତିଆ ଅଞ୍ଚଳର ମୁସଲିମ ସଂପ୍ରଦାୟର ଛୋଟ ପିଲାଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ସାମିଲ ହୋଇଥିଲେ। ସେମାନେ ସମ୍ପୂର୍ଣ୍ଣ ପାରମ୍ପରିକ ଭାବରେ କୁର୍ତ୍ତା, ପାଇଜାମା ଟୋପି ପିନ୍ଧି ସମୂହ ନମାଜ ପାଠ କରିଥିଲେ। ପରେ ପରସ୍ପରକୁ ଇଦ୍ ମୁବାରକ ଜଣାଇବା ସହିତ ମିଠା ଖୁଆଇଥିଲେ। ଇଦ୍ ଶୁଭେଚ୍ଛା ଜଣାଇବା ପାଇଁ ବହୁ ରାଜନେତାଙ୍କ ସମେତ ଅନ୍ୟ ସମ୍ପ୍ରଦାୟର ଲୋକଙ୍କ ଦିନ ତମାମ ଗହଳି ଲାଗି ରହିଥିଲା। ଏଥିରେ ମୁଫ୍ତି ମୁବିନୁଲ ହୁଦା, ମୁସ୍ତାକ ଅଲ୍ଲି ଖାନ, ସେକ୍ ଆସିକ, ମହମ୍ମଦ ସାହିଦ, ଅହମ୍ମଦ ରଜାକ ଓ ସାଜିଦ ମହମ୍ମଦଙ୍କ ସମେତ ବହୁ ଗ୍ରାମର ମୁରବି ଓ ଯୁବକ ଉପସ୍ଥିତ ଥିଲେ।

## ପାଣିକୋଇଲି, ଶଗଡ଼ିରେ ଇଦ୍-ଉଲ୍-ଫିତର

**ପାଣିକୋଇଲି,୧୧।୪(ବିକାଶ ମଲ୍ଲିକ):**

ପାଣିକୋଇଲି ମସ୍‌ଜିଦଠାରେ ଇଦ-ଉଲ-ଫିତର ପାଳିତ ହୋଇଯାଇଛି। ପ୍ରଥମେ ମୌଲବୀ କ୍ୱାରୀ ସେକ୍ ସବିରଙ୍କ ନେତୃତ୍ୱରେ ମସଜିଦରେ ସମୂହ ନମାଜ ପାଠ କରାଯାଇଥିଲା। ପରେ ସମସ୍ତେ ସମସ୍ତଙ୍କୁ ଇଦ ମୁବାରକ ଜଣାଇଥିଲେ। ଘରେଘରେ ସମସ୍ତେ ନୂତନ ବସ୍ତ୍ର ପରିଧାନ କରିବା ସହ ମିଠା ଓ ସିମେଇ ଖୁଆଇ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କୋରେଇ ଭାଜପା ବିଧାୟକ ପ୍ରାର୍ଥୀ ଆକାଶ ଦାସନାୟକ ଯୋଗଦେଇଥିଲେ। ଗୋକୁଳାନନ୍ଦ ସାହୁ, କରୁଣାକର ମାଝି, ଅଶୋକ ବାରିକ, ପ୍ରଶାନ୍ତ ନାୟକ, ଲକ୍ଷ୍ମୀଧର କରଣ ଓ ଶୀତେଶ ପରିଡ଼ାଙ୍କ ସମେତ କୋରେଇ ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତର ନେତୃମଣ୍ଡଳୀ ଅତିଥିଭାବେ ଯୋଗଦେଇଥିଲେ। ସେକ ଜହର ଅଲ୍ଲି, ଜବାର ଖାନ, ମୁସ୍ତାକ ଖାନ, ଅନିପ ଖାନ, ସମସେର ଅଲ୍ଲି, ପପୁ ମିର୍ଜ୍ଜା, ଦଲିସାନ ଖାନ, ଅବଦୁଲ ସୟଦ ଖାନ, ଅବଦୁଲ ଧ୍ୱାଇନ ଖାଁ, ଲୋକମାନ ଖାନ, ମୁଜାଫର ଇମାମ ଖାନ, ଇମ୍ରାମ ଇମାମ ଖାନ, ମୁକ୍ତାର ଖାନ, ସୌକତ ଅଲ୍ଲି, ସେକ୍ ଜାହାଙ୍ଗୀର, ଲାଲ ଖାନ, ମହମ୍ମଦ ଜଲାବ ଓ ସେକ୍ ଅନୱାର ଅଲ୍ଲିଙ୍କ ସମେତ ଶତାଧିକ ବ୍ୟକ୍ତି ଏହି ପର୍ବରେ ସାମିଲ ହୋଇଥିଲେ। ସେହିପରି ଗୋଳେଇପୁର ପଞ୍ଚାୟତର ରାମପୁର ଶଗଡି ଓ ବଇଁଚିରାରେ ଇଦ୍ ପାଳିତ ହୋଇଯାଇଛି। ଏଥିରେ ପୂର୍ବତନ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ବ୍ଲକ କଂଗ୍ରେସ ସଭାପତି ଅକ୍ଷୟ କୁମାର ଜେନା, ଗୋଳେଇପୁର ସରପଞ୍ଚଙ୍କ ପ୍ରତିନିଧି ପ୍ରଫୁଲ୍ଲ ମାଝି, ସମିତିସଭ୍ୟାଙ୍କ ପ୍ରତିନିଧି ଶଶିକାନ୍ତ ମାଝି ପ୍ରମୁଖ ଯୋଗଦେଇ ଇଦ ମୁବାରକ ଜଣାଇଥିଲେ।

## ଯାଜପୁରରେ ଇଦ୍-ଉଲ୍-ଫିତର୍ ପାଳିତ

**ଯାଜପୁର ଟାଉନ,୧୧।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ସହରରେ ମୁସଲମାନ ସମ୍ପ୍ରଦାୟର ଇଦ-ଉଲ୍-ଫିତର ପାଳିତ ହୋଇଯାଇଛି। ସକାଳୁ ଆଖପାଖ ଅଞ୍ଚଳର ହଜାରହଜାର ସଂଖ୍ୟକ ମୁସଲମମାନଭାଇ ସ୍ଥାନୀୟ ସାହିମସ୍‌ଜିଦ୍‌ଠାରେ ଏକତ୍ରିତ ହୋଇ ମିଳିତଭାବେ ନମାଜ ପାଠ କରିଥିଲେ। ମୌଲାନା ଅଜ୍‌ଗର୍ ରଜାଉଲ କାଦ୍ରୀ ଶ୍ରଦ୍ଧାଳୁମାନଙ୍କୁ ନମାଜ ପାଠ କରାଇଥିଲେ। ସେହିପରି ଯାଜପୁରର ଜୁମା ମସ୍‌ଜିଦଠାରେ ସମୂହ ନମାଜ ପାଠ କରାଯାଇଥିଲା। ପରେ ମୁସଲମାନ ଭାଇମାନେ ପରସ୍ପର ମଧ୍ୟରେ ଶୁଭେଚ୍ଛା ଜ୍ଞାପନ କରିବା ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ସେହିପରି କଚେରି ଛକ, ରେଡ୍‌କ୍ରସ ଛକ, ତାରାମଦନ, ଆଙ୍କୁଲା, ଅଡ଼ଙ୍ଗ ପୁରୁଷୋତ୍ତମପୁର ଓ କୋଦଣ୍ଡପୁର ଆଦି ସ୍ଥାନରେ ଥିବା ମସ୍‌ଜିଦ୍‌ରେ ଇଦ୍-ଉଲ୍-ଫିତର ପାଳିତ ହୋଇଛି। ମୁସଲମାନ ସାହିର ସେକ୍ ଅବଦୁଲ ସାଜିଦ୍(ଚାନ୍ଦ), ସେକ୍ ହାଇଦର ଅଲ୍ଲି, ସେକ୍ ମୁର୍ତାଜା, ସେକ୍ ସାହାବୁଦ୍ଦିନ୍, ଇମ୍‌ତିଆଜ ଖାଁ, ସେକ୍ ରମ୍‌ଜାନି, ଜିଆଉଦ୍ଦିନ୍ ଖାଁ, ସେକ୍ କାସିଦ୍, ଗୁଫରାନ୍ ଖାଁ, ସୋଭାନ୍ ଅଲ୍ଲି ଖାଁ, ଅମଜଦ ଖାଁ, ଦିଲବର ଖାଁ, ମନଜର ଖାଁ, ଅନୱର ଖାଁ, ସେକ୍ ଅମଜାଦ୍, ଜାହିଦ ଖାଁ, ଜାହେର ଖାଁ, ସେହଜାଦ୍ ଖାଁ, ସାବାଜ୍ ଖାଁ, ସାଲାଉଦ୍ଦିନ୍ ଖାଁ, ସନୱର ଖାଁ, ମନୱର ଖାଁ, ଅନୱର ଖାଁ, ଅବଦୁଲ ସଲିମ୍ ଖାଁ, ଅବଦୁଲ ଆଲିମ ଖାଁ, ଅବଦୁଲ ହକିମ୍ ଖାଁ, ସେକ ବସିର, ସେକ୍ ଅମଜଦ୍, ସେକ୍ ତସିଫ୍, ସେକ୍ ସୁରଜ, ସେକ୍ ହବିବ୍, ସେକ୍ ମୁସ୍ତାକ, ସେକ୍ ସେରୁ ଓ ସେକ୍ କୟୁମ ପ୍ରମୁଖ ନମାଜ ପାଠରେ ସାମିଲ ହୋଇଥିଲେ।

## ଧାନମଣ୍ଡଳ ରେଲୱେ ସାଇଡିଂ ପରିବହନ ସଂଘର ନୂତନ କର୍ମକର୍ତ୍ତା



ବୈଠକରେ ଉପସ୍ଥିତ ଧାନମଣ୍ଡଳ ରେଲୱେ ସାଇଡିଂ ପରିବହନ ସଂଘର ନୂତନ କର୍ମକର୍ତ୍ତା।

**ବଡ଼ଚଣା,୧୧।୪(ଦିଲୀପ କୁମାର ମହାନ୍ତି):**

ଧାନମଣ୍ଡଳସ୍ଥିତ ଧନଘରଖୋଲ ଜଗନ୍ନାଥ ମନ୍ଦିର ପରିସରରେ ଧାନମଣ୍ଡଳ ରେଲୱେ ସାଇଡିଂ ପରିବହନ ସଂଘର ସାଧାରଣ ପରିଷଦ ବୈଠକ ରବୀନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗାଡ଼ ପରିବହନ, ଗାଡି ମାଲିକମାନଙ୍କର ବିଭିନ୍ନ ସମସ୍ୟା, ଶ୍ରମିକ ଯୋଗାଣ ଓ ସାଙ୍ଗଠନିକ ବିଷୟ ଉପରେ ଆଲୋଚନା କରାଯାଇଥିଲା। ଏହିଅବସରରେ ୨୦୨୪-୨୫ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ଦୀପକ କୁମାର ମିଶ୍ର, ଉପସଭାପତି ମଦନ ମୋହନ ନାୟକ, ସମ୍ପାଦକ ଅମିନ ନାୟକ, ସହସମ୍ପାଦକ ହେମନ୍ତ କୁମାର ନାୟକ, କୋଷାଧ୍ୟକ୍ଷ ପ୍ରବୋଧ କୁମାର ଜେନା ମନୋନୀତ ହୋଇଥିବାବେଳେ କାର୍ଯ୍ୟକାରୀ ସଭ୍ୟଭାବେ କୁମାର ଗୌରବ ଦାସ, ହିମାଂଶୁ ନାୟକ, ଶୁଭେନ୍ଦୁ ଦାସ, ନିରୋଦ କୁମାର ମାହାଲା, ବାବାଜୀ ଚରଣ ସ୍ୱାଇଁ, ପରମାନନ୍ଦ ରାଉତ, ସିତେଶ କୁମାର ଦାସ, ବସନ୍ତ କୁମାର ଦାସ, ଉପଦେଷ୍ଟା ବିଭାସ ଚନ୍ଦ୍ର ନନ୍ଦ, ରବୀନ୍ଦ୍ର କୁମାର ନାୟକ, ସୁରେଶ କୁମାର ଦାସ, ନବଦୀପ ନାୟକ ଓ ଗୟାଧର ବଳ ପ୍ରମୁଖ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ।

## ଆମ୍ବେଦକର ଜୟନ୍ତୀ ପାଇଁ ପ୍ରସ୍ତୁତି

**ପାଣିକୋଇଲି,୧୧।୪(ବିକାଶ ମଲ୍ଲିକ):**

ଆମ୍ବେଦକରଙ୍କ ଜୟନ୍ତୀ ଆସନ୍ତା ୧୪ ତାରିଖରେ ମୂଳନିବାସୀ ୟୁନାଇଟେଡ ଫୋରମ ପକ୍ଷରୁ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏନେଇ ପାଣିକୋଇଲିଠାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଚୂଡ଼ାନ୍ତ କାର୍ଯ୍ୟ ଖସଡ଼ା ପ୍ରସ୍ତୁତି କରାଯାଇଛି। ଜୟନ୍ତୀ ଅବସରରେ ବଡ଼ବିରୁହାଁଠାରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି ଭାୟା ପାଣିକୋଇଲି, କୋରେଇ ଦେଇ ବୈତରଣୀରୋଡ୍‌ଠାରେ ପହଞ୍ଚିବ। ପରେ ସେଠାରେ ସାଧାରଣ ସଭା ଅନୁଷ୍ଠିତ ହେବ। ସଭାରେ ରାଜ୍ୟସ୍ତରୀୟ ବରିଷ୍ଠ ନେତୃମଣ୍ଡଳୀ ଯୋଗଦେବାର କାର୍ଯ୍ୟପନ୍ଥା ସ୍ଥିରୀକୃତ ହୋଇଛି। ବୈଠକରେ ରାଜ୍ୟ କାର୍ଯ୍ୟକାରୀ ଅଧ୍ୟକ୍ଷ ମନୋରଞ୍ଜନ ଜେନା, ଜିଲା କାର୍ଯ୍ୟକାରୀ ସଭାପତି ପ୍ରତାପ ଦାସ, କୋରେଇ ବ୍ଲକ ସଭାପତି ସହଦେବ ଜେନା, ଜିଲା ଯୁବ ସଭାପତି ପଙ୍କଜ ମଲ୍ଲିକ, ରସୁଲପୁର ସଭାପତି ମାନସ ମଲ୍ଲିକ, ଉଦୟ ଜେନା, ପିନାକ ରଞ୍ଜନ ମଲ୍ଲିକ, ରବୀନ୍ଦ୍ର ମଲିକ ଓ ମନୋଜ ମଲ୍ଲିକ ପ୍ରମୁଖ ଯୋଗଦେଇ ଜନସାଧାରଣ ଏହାକୁ ସଫଳ କରିବାକୁ ନିବେଦନ କରିଥିଲେ।

# ନିଷ୍ଠାପର ଦାୟିତ୍ୱ ସମ୍ପାଦନ କରିବାକୁ ନିର୍ଦ୍ଦେଶ

### ଜିଲାପାଳଙ୍କ ନିର୍ବାଚନ ସମୀକ୍ଷା

**ଯାଜପୁର ଟାଉନ,୧୧।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ନିଖିଲ ପୱନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ନିର୍ବାଚନ ସମ୍ବନ୍ଧୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପଜିଲାପାଳ ଅଂଶୁମାନ ଶତପଥୀ, ଜିଲାପାଳଙ୍କ ସ୍ୱତନ୍ତ୍ର ଅଧିକାରୀ କୁଳମଣି ନାୟକ, ଡେପୁଟି କଲେକ୍ଟର ସୁଶ୍ରୀ ସାଶ୍ୱତୀ ସାହୁଆଲ, ଡେପୁଟି କଲେକ୍ଟର ତଥା ଏମ୍‌ସିଏମ୍‌ସି ନୋଡାଲ ଅଫିସର ବରିଆଲ ମୁର୍ମୁ, ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି, ଡିଇଜିଏମ୍ ସାରଦା ପ୍ରସାଦ ଜେନା ଜିଲା ସୂଚନା ବିଜ୍ଞାନ ଅଧିକାରୀ କ୍ଷୀରୋଦ କୁମାର ସାହୁ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ନିର୍ବାଚନ ପ୍ରକ୍ରିୟାରେ ସମୟାନୁବର୍ତ୍ତିତା ହୋଇ ନିଷ୍ଠାପର ଭାବେ ସମସ୍ତ ଅଧିକାରୀ ଓ କର୍ମଚାରୀ ଦାୟିତ୍ୱ ସମ୍ପାଦନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀ।

ଜିଲାରେ ନିର୍ବାଚନ ସମୟରେ ମିଡିଆ ସାର୍ଟିଫିକେଶନ ଆଣ୍ଡ ମନିଟରିଂ କମିଟି (ଏମ୍‌ସିଏମ୍‌ସି) ସେଲର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ବନ୍ଧରେ ବିଭାଗୀୟ ଅଧିକାରୀମାନଙ୍କ ସହ ଜିଲାପାଳ ସମୀକ୍ଷା କରିଥିଲେ। ସେହିପରି ପୋଷ୍ଟାଲ ବାଲଟ ପେପର ପହଞ୍ଚାଇବା, ଭୋଟ ଦେବା, ରାଜନୈତିକ ଦଳ ଚିହ୍ନ ଓ ଫ୍ରି ସିମ୍ବଲ ପ୍ରାପ୍ତ ହେବା, ମହିଳା ଭୋଟରମାନଙ୍କ ନିମନ୍ତେ ସଖୀ ବୁଥ୍ ପରିଚାଳନା, ପ୍ରତ୍ୟେକ ବୁଥ୍‌ରେ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇବା, ୮୫ବର୍ଷରୁ ଅଧିକ ବୟସର ଭୋଟର, ଶତକଡା ୪୦%ରୁ ଅଧିକ ଭିନ୍ନକ୍ଷମ ଭୋଟରଙ୍କ ନିମନ୍ତେ ଆବଶ୍ୟକ ସ୍ଥଳେ ଘରେ ଭୋଟ ଦେବା ବ୍ୟବସ୍ଥା, ୱେବ୍ କାଷ୍ଟିଂ ବୁଥ୍, ଏମ୍‌ସିଏମ୍‌ସି ସେଲ, କଣ୍ଟ୍ରୋଲ ରୁମ୍‌କୁ ଇଣ୍ଟରନେଟ୍ ସେବା ଯୋଗାଇବା ଆଦି ସମ୍ବନ୍ଧରେ ବିଭାଗୀୟ ଅଧିକାରୀମାନଙ୍କ ସହ ଜିଲାପାଳ ଆଲୋଚନା କରିଥିଲେ। ସେହିପରି ବୁଥ୍ ଲେଭୁଲ ଅଧିକାରୀଙ୍କ ଗୁରୁଦାୟିତ୍ୱ ଥିବା ହେତୁ ସେମାନେ କର୍ତ୍ତବ୍ୟନିଷ୍ଠା ଭାବେ ଦାୟିତ୍ୱ ସମ୍ପାଦନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କୃତିବାସ ବାରିକଙ୍କ ସମେତ ୧୦ ବ୍ଲକ୍‌ର ଶିକ୍ଷା ଅଧିକାରୀ ଉପସ୍ଥିତ ଥିଲେ।

**୧୮ ଲିଟର ବିଦେଶୀ ମଦ ଜବତ, ବେପାରୀ ଗିରଫ**

ରାଜକନିକା, (ସଞ୍ଜୟ କୁମାର ଦାଶ): ରାଜକନିକା ଥାନା ଅନ୍ତର୍ଗତ ଜୟନଗର ଗାଁରେ ଜଣେ ଚୋରା ବିଦେଶୀ ମଦ ବେପାରୀଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଜୟନଗର ଗାଁର ନଳିନୀକାନ୍ତ ବିଶ୍ୱାଳ। ନଳିନୀକାନ୍ତ ବିଦେଶୀ ମଦ ବିକ୍ରି କରୁଥିବା କୌଣସି ସୂତ୍ରରୁ ଖବରପାଇ ଗୁରୁବାର ସନ୍ଧ୍ୟାରେ ପୋଲିସ ସଦଳବଳ ଚଢ଼ାଉ କରି ୧୮ ଲିଟର ବିଦେଶୀ ମଦ ଜବତ କରିଛି ବୋଲି ଆଇଆଇସି ଦିଲୀପ କୁମାର ଧଳ ସୂଚନା ଦେଇଛନ୍ତି। ଶୁକ୍ରବାର ନଳିନୀକାନ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସେ କହିଛନ୍ତି।

## ଷଣ୍ଢକୁଦ ବସ୍ତିରେ ୨ ବଖରା ଜଳିଗଲା

ପାରାଦୀପ,୧୧।୪(ଶରତ ରାଉତ)

ପାରାଦୀପ ଷଣ୍ଢକୁଦ ବସ୍ତି ନୋଳିଆସାହିରେ ଗୁରୁବାର ଖରାବେଳେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଜଳିଯାଇଛି। ଏଥିରେ ଏନ୍ ସତ୍ୟନାରାୟଣଙ୍କ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ନିଆଁରେ ଉକ୍ତ ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ି ଯାଇଛି। ଖରାବେଳେ ନିଆଁ ଓ ଧୂଆଁ ଦେଖି ସ୍ଥାନୀୟ ଲୋକମାନେ ହାଣ୍ଡି ମାଠିଆରେ ପାଣି ନେଇ ଲିଭାଇବାକୁ ଚେଷ୍ଟା କରିଥିଲେ ଖବରପାଇ ପାରାଦୀପ ବନ୍ଦର ସିଆଇଏସ୍ଏଫ୍ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିଲେ ମଧ୍ୟ ବିଦ୍ୟୁତ୍ ଶର୍ଟସର୍କିଟରୁ ଏପରି ଘଟିଥିବା ଆଶଙ୍କା କରାଯାଉଛି। ଉକ୍ତ ବସ୍ତି ଭିତରେ ଖୁନ୍ଦାଖୁନ୍ଦି ହୋଇ ଚାଳଘର ରହିଛି। ରାସ୍ତା ସଙ୍କୁଚିତ। ନିଆଁ ଆୟତ୍ତ ହେବାପରେ ଅନ୍ୟମାନେ ଆଶ୍ୱସ୍ତ ହୋଇଥିଲେ।

# ସମୂହ ନମାଜ ପାଠ, ଇଦ୍‌ର ଶୁଭେଚ୍ଛା ବାଣ୍ଟିଲେ

କେନ୍ଦ୍ରାପଡ଼ା, ୧୧।୪ (ଜଗନ୍ନାଥ ଧଳ)

ପବିତ୍ର ରମଜାନ ମାସ ଶେଷରେ ମୁସଲମାନ ସମ୍ପ୍ରଦାୟର ଇଦ-ଉଲ୍ ଫିତର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ କେନ୍ଦ୍ରାପଡ଼ା ସହରରେ ବିପୁଳ ଉତ୍ସାହ ପରିଲକ୍ଷିତ ହୋଇଥିଲା। ସହରର ବିଭିନ୍ନସ୍ଥାନରେ ଥିବା ଇଦ୍‌ଗାହ ପଡ଼ିଆରେ ସମୂହ ନମାଜ ପାଠ ହୋଇଥିଲା। ଏଥିସହ ପରସ୍ପରକୁ କୋଳାଗ୍ରତ କରି ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ଇଦ୍ ପର୍ବ ପାଳନ ପାଇଁ କିଛିଦିନ ଧରି ସହରର ବିଭିନ୍ନସ୍ଥାନରେ ଶୁଭେଚ୍ଛା ତୋରଣମାନ ଲଗାଯାଇଥିଲା। ସେହିପରି ବୁଧବାର ସନ୍ଧ୍ୟାରୁ ସହରର ମସ୍‌ଜିଦଗୁଡ଼ିକୁ ଆଲୋକମାଳାରେ ସଜା ଯାଇଥିଲା। ଲୋକସଂଖ୍ୟାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ନମାଜ ପାଠ ପାଇଁ ବିଭିନ୍ନ ଇଦ୍‌ଗାହରେ ବ୍ୟବସ୍ଥା ହୋଇଥିଲା। ସହରସ୍ଥ ଫକୀରାବାଦସ୍ଥ ମସ୍‌ଜିଦରେ ସକାଳ ୮ଟା, ଗୌଡଗୋପସ୍ଥ ରସୁଲାବାଦ ମସ୍‌ଜିଦରେ ୮ଟା ୧୫ ମିନିଟ୍, ପୁରୁଣା



କେନ୍ଦ୍ରାପଡ଼ା ସହରର ଅଲ ସଲଫିଆ ଇଦ୍‌ଗାରେ ନମାଜ ପାଠ କରିବାକୁ ଆସିଥିବା ମହିଳାମାନେ।



କେନ୍ଦ୍ରାପଡ଼ାରେ ଇଦ୍‌ଗାରେ ସମୂହ ନମାଜ ପାଠ କରାଯାଉଛି।

**ଇଦ୍-ଉଲ୍ ଫିତର ପାଳିତ**

ଇଦ୍‌ଗାହରେ ସାଢେ ୮ଟା, ନୂଆ ଇଦଗାହ ପଡ଼ିଆରେ ସକାଳ ୯ଟାରେ ସମୂହ ନମାଜ ପାଠ ହୋଇଥିଲା। ସେହିପରି ସହରର ସଲଫିଆ ଇଦ୍‌ଗାହଠାରେ ସକାଳ ସାଢେ ୭ଟାରେ ସମୂହ ନମାଜ ପାଠ ହୋଇଥିଲା।

ସୂଚନାଯୋଗ୍ୟ, ଏଠାରେ ପ୍ରତିବର୍ଷ ପରି ମହିଳାମାନେ ସମୂହ ନମାଜ ପାଠ କରିଥିଲେ। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲାର ବରିଷ୍ଠ ନେତା ଗଣେଶ୍ୱର ବେହେରା, ଅଂଶୁମାନ ମହାନ୍ତି, ଗୀତାଞ୍ଜଳି ସେଠୀ, ରାଜ୍ୟ ବିଜେଡି ସମ୍ପାଦକ ରଞ୍ଜିତ ସାହୁ, ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା, ବିଜେଡି ସଂଖ୍ୟାଲଘୁ ସେଲ୍‌ର ସଭାପତି ସେକ୍ ଇନାୟତ ଖାଁ, ସୌମେନ୍ଦ୍ର ପୃଷ୍ଟି, ଭାଜପା ନେତା ସଲିମ ଖାଁ ପ୍ରମୁଖ ବିଭିନ୍ନ ସାହି ଓ ମସ୍‌ଜିଦ ନିକଟରେ ପହଞ୍ଚି ମୁସଲମାନ ଭାଇଙ୍କୁ ଶୁଭେଚ୍ଛା ଜଣାଇଥିଲେ। କେନ୍ଦ୍ରାପଡ଼ା ବ୍ଲକ ଗାଙ୍ଗପଡ଼ା ପଞ୍ଚାୟତ ଭରସିଂସ୍ଥିତ ଜୁମା ମସ୍‌ଜିଦରେ ସମୂହ ନମାଜ ପାଠ ହୋଇଥିଲା। ଏଥିରେ ଭରସିଂ, ଦୋବନ୍ଧା, ବଉଳପଡ଼ା, ପଳସିଂହାର ହଜାରରୁ ଅଧିକ ମୁସଲମାନ ସମ୍ପ୍ରଦାୟର ଲୋକ ସାମିଲ ହୋଇଥିଲେ।

## ପାଟକୁରା ଅଞ୍ଚଳରେ ଇଦ୍ ପାଳିତ

ପାଟକୁରା,୧୧।୪(ରବୀନ୍ଦ୍ରନାଥ ବାରିକ)

ମୁସଲମାନ ସମ୍ପ୍ରଦାୟର ଭଉଣୀଭାଇମାନେ ରମଜାନ ମାସରେ ରୋଜା ରଖି ଦାନ ଧର୍ମ ମଧ୍ୟ କରିଥା'ନ୍ତି। ହିନ୍ଦୁ ଓ ମୁସଲମାନ ଭାଇମାନେ ଏକାଠି ହୋଇ ଇଫ୍‌ତାର ପାର୍ଟିର ଆୟୋଜନ କରି ରୋଜା ଫିଟାଇଥା'ନ୍ତି। ଗୁରୁବାର ବିଭିନ୍ନ ମସ୍‌ଜିଦରେ ସମୂହ ନମାଜ ପାଠ ହୋଇଥିଲା। ଗରଦପୁର ବ୍ଲକର ପାଟକୁରା, ତେଣ୍ଡାକୁଡ଼ା, ନଇନପୁର, ପଳସୁଧା, ତଳକୁସୁମା ଆଦି ସ୍ଥାନରେ ମୁସ୍‌ଲମାନ ଭାଇମାନେ ସମୂହ ନମାଜ ପାଠ କରିବା ପରେ ହିନ୍ଦୁ ଭାଇମାନେ ମୁସଲମାନ ଭାଇମାନଙ୍କୁ ଭେଟି ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ଏହିକ୍ରମରେ ତେଣ୍ଡାକୁଡ଼ାଠାରେ ବିଜେଡିର ବିଧାୟକ ପ୍ରାର୍ଥୀ ଅରବିନ୍ଦ ମହାପାତ୍ର, ଦୀପ୍ତି ରଞ୍ଜନ କାନୁନ୍‌ଗୋ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାସୁଦେବ ବେହେରା, ପୂର୍ବତନ ସରପଞ୍ଚ ରବୀନ୍ଦ୍ରନାଥ ମହାନ୍ତି, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ମହାପାତ୍ର, ପୂର୍ବତନ ସରପଞ୍ଚ ଅଶୋକ ଜେନା, ଅବଦୁଲ କାଲାମ (ମୁନା ସର୍ଦ୍ଦାର), ମିର ଗୋଲାମ ଜିଲାନୀ, ପ୍ରତାପ ପାଣି, ଦେବରାଜ ମହାନ୍ତି, ମମତାଜ ଅଲ୍ଲୀ ପ୍ରମୁଖ ହିନ୍ଦୁ ଓ ମୁସଲମାନ ଭାଇମାନେ ଉପସ୍ଥିତ ରହି ସମସ୍ତଙ୍କୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ।



ପାଟକୁରା ବିଜେଡି ବିଧାୟକ ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ତେଣ୍ଡାକୁଡ଼ାରେ ମୁସଲମାନ ଭାଇମାନଙ୍କୁ ଇଦ୍ ଶୁଭେଚ୍ଛା ଜଣାଉଛନ୍ତି।

## ପଞ୍ଚାମୁଣ୍ଡାଇରେ ଇଦ୍ ପାଳିତ, ଶୁଭେଚ୍ଛା ଜଣାଇଲେ ବିଧାୟକ



ପଞ୍ଚାମୁଣ୍ଡାଇରେ ବିଧାୟକ ଧ୍ରୁବ ସାହୁ ଅନ୍ୟମାନେ ମୁସଲମାନ ଭାଇମାନଙ୍କୁ ଇଦ୍ ଅବସରରେ ଶୁଭେଚ୍ଛା ଜଣାଉଛନ୍ତି।

ପଞ୍ଚାମୁଣ୍ଡାଇ,୧୧।୪ (କଳ୍ପତରୁ ନାୟକ)

ପଞ୍ଚାମୁଣ୍ଡାଇ ସହର ଓ ଗ୍ରାମାଞ୍ଚଳରେ ମୁସଲମାନ ସମ୍ପ୍ରଦାୟର ଅନ୍ୟତମ ପବିତ୍ର ପର୍ବ ଇଦ୍ ବିପୁଳ ଆନନ୍ଦଉଲ୍ଲାସ ମଧ୍ୟରେ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଇଦ୍‌ଗାହ ପଡିଆରେ ସମୂହ ନମାଜ ପାଠ କରାଯାଇଥିଲା। ଏମାମ ସାହେବ ମହମ୍ମଦ ଇସ୍ରାଫିଲ ଆମଜାଦି ସମୂହ ନମାଜ ପାଠ କରାଇଥିବାବେଳେ ସହଯୋଗୀ ମୌଲାନା ୱାସୀମ ଅକ୍ତର କାଦିର ଓ ହାଫିଜ ସଲ୍ଲାଉଦିନ ନମାଜ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ନମାଜ ପାଠ ପାଇଁ ଇଦ୍‌ଗାହ ପଡ଼ିଆରେ ପଞ୍ଚାମୁଣ୍ଡାଇ ସଂଖ୍ୟାଲଘୁ ବସ୍ତିର ଶତାଧିକ ମୁସଲମାନମାନେ ସମବେତ ହୋଇଥିଲେ। ଏହି ପବିତ୍ର ଦିବସ ଅବସରରେ ରାଜନଗର ବିଧାୟକ ଧ୍ରୁବ ସାହୁ କାର୍ଯ୍ୟକ୍ରମରେ ଯୋଗଦେଇ ସମସ୍ତ ସଂଖ୍ୟାଲଘୁ ଭଉଣୀଭାଇମାନଙ୍କୁ ଇଦ୍‌ର ଶୁଭେଚ୍ଛା ଜ୍ଞାପନ କରିଥିଲେ। ସଂଖ୍ୟାଲଘୁ ଭାଇମାନେ ବିଧାୟକଙ୍କୁ ଟୋପି ଓ ଚାଦର ପିନ୍ଧାଇ ଭବ୍ୟ ସ୍ୱାଗତ କରିଥିଲେ। ବିଧାୟକଙ୍କ ସହିତ ପଞ୍ଚାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ଜିଲା ଯୁବ ବିଜେଡି ସମ୍ପାଦକ ଅଶୋକ ଧଳ, ବରିଷ୍ଠ ନେତା ଅମୂଲ୍ୟ ପ୍ରଧାନ, ବରିଷ୍ଠ ସଂଖ୍ୟାଲଘୁ ସଙ୍ଗଠକ ଏସ.କେ. ବାରି, ପୂର୍ବତନ ପୌର ଉପାଧ୍ୟକ୍ଷ ସୁମନ୍ତ ପାତ୍ର, ୧୧ନଂ. ୱାର୍ଡ କାଉନସିଲର ସାନିଆ ପରମିନ ସାହେବା ପ୍ରମୁଖ ସଂଖ୍ୟାଲଘୁ ଭଉଣୀଭାଇମାନଙ୍କୁ ଇଦ୍ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଦୀର୍ଘ ୮୦ବର୍ଷ ତଳେ ନିର୍ମିତ ମସ୍‌ଜିଦ ଗୃହ ପୁନଃ ନିର୍ମାଣ, ସମ୍ପ୍ରସାରଣ ପାଇଁ ସଂଖ୍ୟାଲଘୁ ଭାଇମାନେ ଦାବି କରିବା ସହିତ ଏ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ବିଧାୟକ ସଂଖ୍ୟାଲଘୁ ଭାଇମାନଙ୍କ ଅନୁରୋଧ ରକ୍ଷା କରି ମାନ୍ୟଗଣ୍ୟ ବ୍ୟକ୍ତି ଓ ନେତୃବୃନ୍ଦଙ୍କ ସହ ମସ୍‌ଜିଦ ପରିଦର୍ଶନ କରିଥିଲେ। ସେଠାରେ ଉପସ୍ଥିତ ଅଧ୍ୟାପକ ସେକ୍ ଫାରୁକ ଅଲ୍ଲୀ, ସେକ୍ ବାଦଶାହା, ସେକ୍ ଜାକରିଆ ଅହମ୍ମଦ, ସେକ୍ ସମସେର ଖାଁ, ସେକ୍ ରଫିକ ଅଲ୍ଲୀ, ସେକ୍ ମାଜିଦ, ସମୀରୁଦ୍ଦିନ ଖାଁ, ସେକ୍ ସରାତୁଲ୍ଲା ପ୍ରମୁଖ ମସ୍‌ଜିଦ ଅବସ୍ଥା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାମୁଣ୍ଡାଇ ମୁସଲମାନବସ୍ତି ସମେତ ଆଖପାଖ ଅଞ୍ଚଳର ଜନସାଧାରଣ ଯୋଗଦେଇ ପରସ୍ପରକୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ପରେ ବିଧାୟକ ସାହୁ ପଞ୍ଚାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସାନଜରିଆ ସଂଖ୍ୟାଲଘୁ ବସ୍ତିକୁ ଯାଇ ପବିତ୍ର ଇଦ୍ ଅବସରରେ ଶୁଭେଚ୍ଛା ଜ୍ଞାପନ କରିବା ସହ ସୁଖ ସମୃଦ୍ଧି କାମନା କରିଥିଲେ।

## ଆଳିରେ ଇଦ-ଉଲ୍ ଫିତର

ଆଳି,୧୧।୪
(ବନମାଳୀ ସେନାପତି)

ଆଳି ବ୍ଲକ ମେଣ୍ଢପୁର ପଞ୍ଚାୟତରେ ଇଦ-ଉଲ୍ ଫିତର ଗୁରୁବାର ପାଳିତ ହୋଇଯାଇଛି। ପଞ୍ଚାୟତର ଗୋପ, ପଦନପୁର, ରସୁଲପୁର, କଲାପାହାଡ଼ ଗ୍ରାମରେ ରହୁଥିବା ମୁସଲମାନ ସମ୍ପ୍ରଦାୟର ଭଉଣୀଭାଇମାନେ ଦୀର୍ଘ ଏକ ମାସ ରମଜାନ ପାଳନ କରିବା ପରେ ବୁଧବାର ସନ୍ଧ୍ୟାରେ ଚାନ୍ଦ ଦେଖିଥିଲେ। ଗୁରୁବାର ଇଦ୍ ପାଳନ କରିଥିଲେ। ଗୁରୁବାର ସକାଳେ ଇଦ୍‌ଗାହ ପଡ଼ିଆରେ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ମୁସଲମାନ ଭାଇମାନେ ନୂତନ ବସ୍ତ୍ର ପରିଧାନ କରି ସମୂହ ଭାବେ ନମାଜ ପାଠ କରିଥିଲେ। ନମାଜ ପାଠ ପରେ ପରସ୍ପରକୁ ଆଲିଙ୍ଗନ କରି ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ଏଥିରେ ଆଳି ବିଧାୟକ ତଥା ମନ୍ତ୍ରୀ ପ୍ରତାପ କେଶରୀ ଦେବ, ଭାଜପା ଆଳି ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା, କଂଗ୍ରେସର ଆଶାୟୀ ବିଧାୟକ ପ୍ରାର୍ଥୀ ଡା. ଦେବସ୍ମିତା ଶର୍ମା, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ଜୟରାମ ସାହୁ, ଭୀଷ୍ମ ମହାନ୍ତି, ବିଜେଡି ବ୍ଲକ ସଭାପତି ସନାତନ ମିଶ୍ର, କଂଗ୍ରେସ ବ୍ଲକ ସଭାପତି ରବି ନାରାୟଣ ବେହେରା ପ୍ରମୁଖଙ୍କ ସହିତ ଅନ୍ୟମାନେ ଉପସ୍ଥିତ ରହି ସେମାନଙ୍କୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ଘରେ ମହିଳାମାନେ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରି ସମ୍ପର୍କୀୟଙ୍କୁ ନିମନ୍ତ୍ରଣ କରି ପର୍ବକୁ ପାଳନ କରିଛନ୍ତି।



ମନ୍ତ୍ରୀ ପ୍ରତାପ ଦେବ ଇଦ୍ ଅବସରରେ ଶୁଭେଚ୍ଛା ଜଣାଉଛନ୍ତି।

## ଡେରାବିଶରେ ଇଦ୍-ଉଲ୍ ଫିତର ପାଳିତ

ଡେରାବିଶ,୧୧।୪ (ବେବର୍ତ୍ତା ଅଜୟ ଦାସ)

ପବିତ୍ର ରମ୍‌ଜାନରେ ଏକ ମାସ ନିଷ୍ଠାର ସହ ରୋଜା (ଉପବାସ) ଓ ଅନ୍ୟ ଧର୍ମକାର୍ଯ୍ୟ କରିବା ପରେ ବୁଧବାର ସନ୍ଧ୍ୟାରେ ଇଦ୍ ଚନ୍ଦ୍ର ଦର୍ଶନ କରାଯାଇଥିଲା। ଡେରାବିଶ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ମୁସଲମାନ ସାହିମାନଙ୍କରେ ଇଦ୍ ଉତ୍ସବ ଗୁରୁବାର ଶାନ୍ତି ଶୃଙ୍ଖଳା ଓ ହର୍ଷ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଏଥିପାଇଁ ବୁଧବାର ସନ୍ଧ୍ୟାରୁ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ବିଭିନ୍ନ ମସ୍‌ଜିଦ ଓ ଇଦ୍‌ଗାହକୁ ରଙ୍ଗବେରଙ୍ଗର ଆଲୋକମାଳାରେ ସଜାଯାଇଥିଲା। ଶାନ୍ତି, ସୌହାର୍ଦ୍ଦ୍ୟ, ଭାଇଚାରା ଓ ଦାନ ଦକ୍ଷିଣାର ସର୍ବଦା ସନ୍ଦେଶ ବହନ କରିଆସିଥିବା ଏହି ଇଦ୍-ଉଲ୍ ଫିତର ପର୍ବ ଉପଲକ୍ଷେ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ସାହିରେ ପ୍ରାତଃରୁ ମୁସଲମାନ ଭଉଣୀଭାଇମାନେ ନୂତନ ବସ୍ତ୍ର ପରିଧାନ କରିବା ସହିତ ସମସ୍ତଙ୍କ ଘରେ ସ୍ୱାଦିଷ୍ଟ ଭୋଜନମାନ ରନ୍ଧାଯାଇଥିଲା। ସେହିପରି ପରିବାରର ସ୍ତ୍ରୀ ଲୋକମାନେ ନିଜର ନିକଟସ୍ଥ ବନ୍ଧୁ ପରିଜନ ଓ ସାହିପଡିଶା ଘରକୁ ଯାଇ ମିଷ୍ଟାନ୍ନ ବଣ୍ଟନ କରିବା ସହ ପରସ୍ପରକୁ ଇଦ୍‌ର ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ବିଭିନ୍ନ ମୁସଲମାନ ସାହିରେ ଥିବା ମସ୍‌ଜିଦ ଓ ଇଦ୍‌ଗାହରେ ସକାଳ ୮ଟାରୁ ୯ଟା ମଧ୍ୟରେ ଇଦ-ଉଲ୍ ଫିତରର ସମୂହ ନମାଜ ପାଠ କରାଯିବା ସହ ଭାରତବର୍ଷର ଶାନ୍ତି ଓ ପ୍ରଗତି ପାଇଁ ପ୍ରାର୍ଥନା କରାଯାଇଥିଲା।



ଡେରାବିଶରେ ସମୂହ ନମାଜ ପାଠ ପରେ ମୁସଲମାନ ଭାଇମାନେ।

## ଇଦ୍‌ରେ ଶାନ୍ତି ମୈତ୍ରୀ ସଂହତିର ବାର୍ତ୍ତା ଦିଏ

ରାଜନଗର, ୧୧।୪(ଭାସ୍କର ରାଉତରାୟ)

ପବିତ୍ର ଇଦ୍-ଉଲ୍-ଫିତର ପାଳନ ଅବସରରେ ରାଜନଗର ବ୍ଲକ କେରେଡାଗଡ଼ ମୁସଲିମ ବସ୍ତିରେ ଇଦ୍ ପର୍ବ ପାଳିତ ହୋଇଯାଇଛି। ମାସେ ଧରି ମୁସଲମାନ ଭାଇ ଭଉଣୀମାନେ ରୋଜା ରଖିଥିଲେ। ଚାନ୍ଦ ଦର୍ଶନ ପରେ ସେମାନଙ୍କର ରୋଜା ସମାପନ କରିଛନ୍ତି। ଏହି ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡା ଲୋକ ସଭା ସାଂସଦ ପ୍ରାର୍ଥୀ ଅଂଶୁମାନ୍ ମହାନ୍ତି ଯୋଗଦେଇ ଇଦ୍ ପର୍ବ ଶାନ୍ତି, ମୈତ୍ରୀ, ଭାଇଚାରା, ସଂହତିର ବାର୍ତ୍ତା ବାଣ୍ଟିବା ସହିତ ଇଦ୍‌ର ଶୁଭକାମନା ଜଣାଇଥିଲେ। ମୁସଲମାନ ସମ୍ପ୍ରଦାୟର ସେକ୍ ଉସ୍ମାନ, ସେକ୍ ମମତ, ସେକ୍ ସରାଜ ଉଦ୍ଦିନ, ସେକ୍ ରାଜୁ, ସେକ୍ ଆଲ୍ଲା ଉଦ୍ଦିନ, କଇମ ସାହା, ସେକ୍ ସୁକନ ପ୍ରମୁଖ ବିଧାୟକ ସାହୁ ଏବଂ ସାଂସଦ ପ୍ରାର୍ଥୀ ମହାନ୍ତିଙ୍କୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, କଟକ କେନ୍ଦ୍ର ସମବାୟ ସମିତିର ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ଆମ୍ବା ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନ, ପୂର୍ବତନ ଜିଲାପରିଷଦ ସଭ୍ୟ ବିଜୟ ନାୟକ, ବିଜେଡି ନେତା ନରହରି ଜେନା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।



ବିଧାୟକ ଧ୍ରୁବ ସାହୁ, ଲୋକ ସଭା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଇଦ୍‌ର ଶୁଭେଚ୍ଛା ଜଣାଉଛନ୍ତି।

## ରାଜକନିକାର ବିଭିନ୍ନ ସ୍ଥାନରେ ଇଦ୍ ପାଳିତ

ରାଜକନିକା, ୧୧।୪
(ସଞ୍ଜୟ କୁମାର ଦାଶ)

ମୁସଲମାନ ଭଉଣୀ ଭାଇମାନେ ମାସେ ଧରି ରୋଜା ରଖି ବୁଧବାର ସନ୍ଧ୍ୟାରେ ଚନ୍ଦ୍ର ଦର୍ଶନ କରିବା ସହ ଗୁରୁବାର ଇଦ୍‌ଗାହରେ ସମୂହ ନମାଜ ପାଠ କରିଥିଲେ। ପରେ ସମସ୍ତେ ପରସ୍ପର କୋଳାକୋଳି ହୋଇ ଇଦ୍ ଶୁଭେଚ୍ଛା ଜଣାଇଛନ୍ତି। ଏହି ପ୍ରରିପ୍ରେକ୍ଷୀରେ ରାଜକନିକା ବ୍ଲକର ବାଘବୁଦା, ମଲ୍ଲିସାହାଡା, ଲୁଆରମୋହି ଓ ଓଳାଭରସାହି ଆଦି ଗାଁ ମୁସଲମାନ ବସ୍ତିର ଭଉଣୀଭାଇମାନେ ରୋଜା ଭାଙ୍ଗି ଇଦ୍ ପର୍ବ ପାଳନ କରିଛନ୍ତି। ସମସ୍ତେ ଗୁରୁବାର ନୂତନ ବସ୍ତ୍ର ପରିଧାନ କରି ଘରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନରେ ପ୍ରସ୍ତୁତ କରି ଆପଣାର ପ୍ରିୟ ପରିଜନଙ୍କୁ ଆପାୟିତ କରିଛନ୍ତି। ମଲ୍ଲିସାହାଡାରେ ମୌଲାନା ସାକିର ହୁସେନ୍ ସକାଳ ୯ଟାରେ ନମାଜ୍ ପାଠ କରିଥିଲେ। ଅତିଥି ଭାବେ ରାଜକନିକା ବ୍ଲକ ଯୁବ ସଙ୍ଗଠକ ପବିତ୍ର ରାଉତ ଯୋଗଦେଇଥିଲେ। ୩ ଗ୍ରାମର ମୁଖିଆ ଇଲିଆଜ୍ ଖାଁ, ରାଜୁ ଶିହା, ନୟୁମ୍ ଖାଁ, ସେକ୍ କୋରେସିନ, ଜାହାଙ୍ଗୀର ଖାଁ, ସେକ୍ ଏରସାଦ, ସେକ୍ ମାଟୁଆ, ସେକ୍ ଜଲିଲ, ସେକ୍ ଆଲାଉଦ୍ଦିନ୍, ସେକ୍ ଗୁଲୁନୁ, ସେକ୍ ଅଜିମୁଦ୍ଦିନ୍ ପ୍ରମୁଖ ଉପସ୍ଥିତ ଥିଲେ।



## କମିଶନରେଟ ପୋଲିସ ଅଭିଯୁକ୍ତଙ୍କୁ ଧରିଲା

ରାଜନଗର, ୧୧।୪ (ଭାସ୍କର ରାଉତରାୟ)

**ବୃଦ୍ଧଙ୍କ ସାଇକେଲରୁ ଟଙ୍କା ଲୁଟ୍ ଘଟଣା**

ପଞ୍ଚାମୁଣ୍ଡାଇ ଥାନା ଅନ୍ତର୍ଗତ ଜୁଣ୍ଡୁପଙ୍ଗା ଗାଁର ନିରଞ୍ଜନ ରାଉତ ମାସେ ତଳେ ରାଜନଗର ବ୍ୟାଙ୍କରୁ ୨୦ ହଜାର ଟଙ୍କା ଉଠାଇ ବ୍ୟାଗରେ ରଖି ସାଇକେଲରେ ଟାଙ୍ଗିଥିଲେ। ରାଜନଗର ହଂସୁଆ ନେଡୁ ନିକଟରେ ସାଇକେଲ ଥୋଇ ଦୋକାନକୁ ଜିନିଷ କିଣିବାକୁ ଯାଇଥିବା ବେଳେ ଦୁଇଜଣ ଯୁବକ ବ୍ୟାଗ ନେଇ ବାଇକ୍‌ରେ ଚମ୍ପଟ ମାରିଥିଲେ। ପୋଲିସ ତଦନ୍ତ କରିଥିଲେ ବି ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଥିଲା। ଭୁବନେଶ୍ୱର କମିଶନରେଟ ପୋଲିସ ୮ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରୁ ୪ଜଣ ରାଜନଗର ଥାନା ଅଞ୍ଚଳରେ ବିଭିନ୍ନ ଲୁଟପାଟରେ ସମ୍ପୃକ୍ତି ଥିବା ସ୍ୱୀକାର କରିଥିଲେ। ବୃଦ୍ଧଙ୍କ ୨୦ ହଜାର ଟଙ୍କା ସେମାନେ ନେଇଥିବା ସ୍ୱୀକାର କରିଥିଲେ। କମିଶନରେଟ ପୋଲିସ ଗିରଫ କରିଥିବା ଖୋର୍ଦ୍ଧା ଅଞ୍ଚଳର ସୁବାସ, ଆସ୍କାର ଅଶୋକ, ଶ୍ରୀନିବାସ, ଯାଜପୁରର ସମୀର ପ୍ରଧାନ ରାଜନଗର ଅଞ୍ଚଳର ବିଭିନ୍ନ ମାମଲାରେ ସମ୍ପୃକ୍ତି ଥିବା ରାଜନଗର ଆଇଆଇସି ଅଜୟ କୁମାର ଜେନା ସୂଚନା ଦେଇଛନ୍ତି। ସେମାନଙ୍କଠାରୁ ଜବତ ହୋଇଥିବା ୧୦ହଜାର ଟଙ୍କାକୁ ଗୁରୁବାର ବୃଦ୍ଧଙ୍କୁ ଦିଆଯାଇଛି।

**ଇନ୍ଦୁପୁରର ପ୍ରସିଦ୍ଧ ବାରୁଣୀ ଯାତ୍ରା**

## ଷଷ୍ଠଦିନରେ ୨୫ହଜାର ଯାତ୍ରୀ ସମାଗମ

ଡେରାବିଶ,୧୧।୪ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ବ୍ଲକ ଇନ୍ଦୁପୁରଠାରେ ଅନୁଷ୍ଠିତ ପ୍ରସିଦ୍ଧ ବାରୁଣୀ ଯାତ୍ରା ଗୁରୁବାର ଥିଲା ଷଷ୍ଠ ଦିବସ। ଚଳିତବର୍ଷ ମହାଯୋଗ ବାରୁଣୀ ପଡୁଥିବାରୁ ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ବାରୁଣୀ ଯାତ୍ରାର ଷଷ୍ଠ ଦିନରେ ୨୫ ହଜାରରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ସମାଗମ ହୋଇଥିଲା। ବର୍ଷକରେ ଥରେ ୭ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ବାରୁଣୀ ଯାତ୍ରା ଶୁକ୍ରବାର ଉଦ୍‌ଯାପିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଜିଲା ସମେତ ଯାଜପୁର ଜିଲା ଅଞ୍ଚଳର ଅଧିବାସୀମାନେ ଏହାକୁ ଦେଖିବାକୁ ଆସିଥାନ୍ତି। ଦୀର୍ଘ ବର୍ଷେ ଧରି ଅପେକ୍ଷା କରିଥିବା ଇନ୍ଦୁପୁର ସମେତ କେନ୍ଦ୍ରାପଡ଼ା ଜିଲାର କୋଣ ଅନୁକୋଣରେ ଥିବା ଗ୍ରାମ ଓ ସହରର ବାସିନ୍ଦା ଏହି ଯାତ୍ରାର ବେଶ୍ ମଜା ନେଉଛନ୍ତି। ବିଶେଷକରି ଏହି ଯାତ୍ରାରେ ଗୃହ ଉପକରଣ ସାମଗ୍ରୀ ଦୋକାନ ସହ ମନୋହରୀ, ବାଉଁଶରେ ନିର୍ମିତ ବିଭିନ୍ନ ଗୃହ ଉପକରଣ ଦ୍ରବ୍ୟ କ୍ରୟ ବିକ୍ରୟର ଚାହିଦା ଦେଖିବାକୁ ମିଳିଥିଲା। ମହିଳାମାନେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କ୍ରୟ ପାଇଁ ଏହି ଅସ୍ଥାୟୀ ଦୋକାନରେ ଭିଡ ଲଗାଇଥିଲେ। ପିଲାମାନଙ୍କ ପାଇଁ ଦୋଳି ଯାତ୍ରାର ବିଶେଷ ଆକର୍ଷଣ ଥିଲା। ଯାତ୍ରାକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ପଞ୍ଚାମୁଣ୍ଡାଇ ଏସ୍‌ଡିପିଓ କ୍ଷମାସାଗର ପଣ୍ଡା ଓ ନିକିରାଇ ଥାନା ଅଧିକାରୀ ଜ୍ୟୋତିର୍ମୟୀ ସେଠୀଙ୍କ ନେତୃତ୍ୱରେ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଛି। ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ଇନ୍ଦୁପୁରସ୍ଥିତ ପାୟଲ ମ୍ୟୁଜିକ ସ୍କୁଲ ପକ୍ଷରୁ ରବିବାରଠାରୁ ବାରୁଣୀ ଯାତ୍ରାରେ ଜଳଛତ୍ର କେନ୍ଦ୍ର ଖୋଲାଯାଇ ଯାତ୍ରୀମାନଙ୍କୁ ଶୀତଳ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଏହି କାର୍ଯ୍ୟକ୍ରମରେ ସ୍କୁଲ ସଭାପତି ଶିକ୍ଷାବିତ୍ ନୀଳମାଧବ ପତି, ସ୍କୁଲର ପ୍ରତିଷ୍ଠାତା ଦେବାଶିଷ ସାମଲଙ୍କ ସମେତ ଛାତ୍ରୀଛାତ୍ରମାନେ ସାମିଲ ହୋଇଛନ୍ତି। ପାଇକରାପୁର ଗାଁର ପ୍ରାଧାପକ ଉମାକାନ୍ତ ସିଂହ କହିଛନ୍ତି, ଏହି ବାରୁଣୀ ଯାତ୍ରା ଆମ ଅଞ୍ଚଳର ଭାଇଚାରା ସମ୍ପର୍କକୁ ସୁଦୃଢ଼ କରିଛି। ଦିନ ୪ଟା ବାଜିଲେ କିପରି ବାରୁଣୀ ଯାତ୍ରାରେ ପହଞ୍ଚିବେ ଓ ବାଲ୍ୟବନ୍ଧୁଙ୍କ ସହ ଦେଖାହେବ ଆମକୁ ବେଶି ଆମୋଦ ଦେଉଛି। ଇନ୍ଦୁପୁର ଗ୍ରାମର ଅଲେଖ ପ୍ରସାଦ ଜେନା କହିଛନ୍ତି, ଚଳିତ ବର୍ଷ ମହାଯୋଗ ବାରୁଣୀ ପଡୁଥିବାରୁ ସମଗ୍ର ବିଶ୍ୱବାସୀଙ୍କ ପାଇଁ ଏକ ଶୁଭଙ୍କର ବର୍ଷ ହେଉ ବୋଲି ଇନ୍ଦୁପୁରର ଅଧିଷ୍ଠାତ୍ରୀ ଦେବୀ ମା' ଚଣ୍ଡୀଙ୍କ ନିକଟରେ ପ୍ରାର୍ଥନା କରିବା ଏବଂ ନିଜ ଘରକୁ ଘରକରଣା ସାମଗ୍ରୀ ଆଣିବା ପାଇଁ ୬ ଦିନ ଧରି ବ୍ୟସ୍ତ ରହିଛି। ସେହିପରି ପଲ୍ଲୀ ରଘୁନାଥପୁର ଗାଁର ଗୋବିନ୍ଦ ଚନ୍ଦ୍ର ରାୟ କହିଛନ୍ତି, ବାରୁଣୀ ଯାତ୍ରାରେ ଥିବା ମା' ଚଣ୍ଡୀଙ୍କ ପୀଠରେ ଆଧ୍ୟାତ୍ମିକ ପରିବେଶ ଆମକୁ ବେଶି ଆନନ୍ଦିତ କରିଛି। ଏଥିସହ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ବାରୁଣୀ ଯାତ୍ରାକୁ ଉତ୍ସବ ମୁଖର କରିଛି।



ହରେକମାଲ ଦୋକାନରେ ମହିଳାମାନେ ଘରକରଣ ସାମଗ୍ରୀ କିଣୁଛନ୍ତି।

## ସଂକ୍ଷେପରେ

### ଅନସ୍ଲୋ ଅନୁଷ୍ଠାନର ଷ୍ଟ୍ରଙ୍ଗ୍‌ରୁମ ପରିଦର୍ଶନ କଲେ ଜିଲାପାଳ

ଛତ୍ରପୁର, ୧୧।୪ (ଦିଲୀପ ସାମଲ):

ଚଳିତ ସାଧାରଣ ନିର୍ବାଚନ ନିମନ୍ତେ ବିଗୁଲ ବାଜି ସାରିଛି । ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହିତ ପରିଚାଳନା କରିବା ପାଇଁ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇସାରିଲାଣି। ଇଭିଏମଗୁଡ଼ିକୁ ସୁରକ୍ଷିତ ଭାବେ ରଖାଯିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଅନସ୍ଲୋ ଅନୁଷ୍ଠାନରେ ଏକ ଷ୍ଟ୍ରଙ୍ଗରୁମର ବ୍ୟବସ୍ଥା ମଧ୍ୟ କରାଯାଇଛି। ଗୁରୁବାର ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଅନସ୍ଲୋ ଅନୁଷ୍ଠାନ ପରିସରରେ କରାଯାଇଥିବା ଷ୍ଟ୍ରଙ୍ଗରୁମ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ ପରିଦର୍ଶନ ବେଳେ ଜିଲା ପରିଷଦର ଅତିରିକ୍ତ ସିଡିଓ ପ୍ରତାପ ଚନ୍ଦ୍ର ପ୍ରଧାନ, ଛତ୍ରପୁର ଉପଜିଲାପାଳ ଦେବଦତ୍ତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### ଲଜରୁ ଗଞ୍ଜେଇ ଜବତ, ୩ ଅଟକ

ବ୍ରହ୍ମପୁର,୧୧।୪(ସୁବାସଚନ୍ଦ୍ର ପାଢ଼ୀ )– ବ୍ରହ୍ମପୁର ରେଳ ଷ୍ଟେଶନ ନିକଟରେ ଥିବା ଏକ ଲଜରୁ ଗୁରୁବାର ସନ୍ଧ୍ୟାରେ ୨୫ କେଜି ଗଞ୍ଜେଇ ଜବତ ହୋଇଛି। ଗଞ୍ଜେଇ ଚୋରା କାରବାର କରୁଥିବା ୩ ଜଣଙ୍କୁ ଗୋଷାଣିନୁଆଗାଁ ଥାନା ପୋଲିସ କାବୁ କରିଛି । ଏମାନଙ୍କ ମଧ୍ୟରୁ ୨ ଜଣ କୋଲକତାର ହୋଇଥିବା ବେଳେ ଅନ୍ୟ ଜଣଙ୍କ କନ୍ଧମାଳ ଜିଲାର ବୋଲି ଜଣାପଡିଛି। ଅଭିଯୁକ୍ତଙ୍କ ମଧ୍ୟରେ ୨ ଜଣ ନାବାଳକ ଅଛନ୍ତି। ସେମାନେ କନ୍ଧମାଳ ଜିଲାରୁ ଗଞ୍ଜେଇ ଆଣି ଟ୍ରେନ ଯୋଗେ କୋଲକତା ଚାଲାଣ କରିଥାନ୍ତେ ବୋଲି ପୋଲିସ ତଦନ୍ତରୁ ଜଣାପଡିଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସେହି ଗଞ୍ଜେଇ ଓଜନ କରାଯାଇଥିଲା। ଅଭିଯୁକ୍ତଙ୍କୁ ଅଟକ ରଖି ପୋଲିସ ପଚରାଉଚରା ଜାରି ରଖିଛି।

### ଆର୍‌ଏସ୍‌ଏସ୍ ପକ୍ଷରୁ ହିନ୍ଦୁ ନବବର୍ଷ

ପୋଲସରା,୧୧।୪(ସୁବ୍ରତ ବେହେରା): ଗଞ୍ଜାମ ଜିଲା ପୋଲସରା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆରଏସଏସ) ବିବେକାନନ୍ଦ ପ୍ରଭାତ ଶାଖାରେ ହିନ୍ଦୁ ନବବର୍ଷ ପାରମ୍ପରିକ ରୀତିରେ ପାଳନ ହେଉଛି। ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରସ୍ଥିତ ସଂଘ ସ୍ଥାନରେ ସ୍ୱୟଂସେବକ ମାନେ ଗୈରିକ ଧ୍ୱଜା ଉତ୍ତୋଳନ କରିବା ସହିତ ସଂଘ ପ୍ରାର୍ଥନା କରିଥିଲେ। ପରେ ଅନୁଷ୍ଠିତ ଏକ ବୌଦ୍ଧିକ କାର୍ଯ୍ୟକ୍ରମରେ ଶିକ୍ଷାବିକାଶ ସମିତିର ପ୍ରାନ୍ତଃ ଶାରୀରିକ ସଂଯୋଜକ ବଳରାମ ସାହୁ ମୁଖ୍ୟବକ୍ତା ଏବଂ ଶିକ୍ଷାବିକାଶ ସମିତି ପୂର୍ବ ସମ୍ଭାଗ ଶାରୀରିକ ଶୈକ୍ଷିକ ସଂଯୋଜକ ଅରୁଣ କୁମାର ବାଗ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଚୈତ୍ର ଶୁକ୍ଳ ପ୍ରତିପଦାରେ ହିନ୍ଦୁ ନବବର୍ଷ ପାଳନ କରିବାର ତାତ୍ପର୍ଯ୍ୟ ଏବଂ ମହତ୍ତ୍ୱ ସମ୍ପର୍କରେ ମତ ରଖିଥିଲେ। ପରେ ସ୍ୱୟଂସେବକମାନେ ଜଗନ୍ନାଥ ମନ୍ଦିରରେ ଜଗତ କଲ୍ୟାଣ ପାଇଁ ପୂଜାପାଠ କରିବା ସହିତ ନଗର ପରିକ୍ରମା କରି ନବବର୍ଷକୁ ସ୍ୱାଗତ କରିଥିଲେ।

### ତପ୍ତପାଣି ଘାଟିରେ କାର ଦୁର୍ଘଟଣା

ଦିଗପହଣ୍ଡି/ପାଟପୁର,୧୧।୪ (ଅଶେଷନାଥ ମିଶ୍ର/ସିମାଞ୍ଚଳ ସାହୁ): ଗଞ୍ଜାମ-ଗଜପତି ଜିଲା ସୀମାନ୍ତ ପାଟପୁର ଥାନା ପର୍ଯ୍ୟଟନକ୍ଷେତ୍ର ତପ୍ତପାଣି ଘାଟି ରାସ୍ତାର ପାନ୍ଥନିବାସ ନିକଟରେ ଗୁରୁବାର ଏକ କାର (ଓଆର ୦୨ ବିଜେ-୩୩୩୦) ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାରେ ଓଲଟି ପଡିଥିଲା। ଘଟଣାସ୍ଥଳରେ ଚାଳକ ଆହତ ହୋଇଥିବା ସୂଚନା ମିଳିଛି। ଆହତ ଜଣକ ହେଲେ ଗୁଣପୁର ସହରର ସତୀଶ ନିମାନ ପାତ୍ରୁ। ସତୀଶ ନିଜ ଭଉଣୀ, ଭଣଜା, ଭାଣିଜୀଙ୍କୁ ଧରି ବ୍ରହ୍ମପୁରରୁ ଗୁଣପୁର ଅଭିମୁଖେ ଯାଉଥିବା ସମୟରେ କାରର ଚକା ଜାମ୍ ହୋଇଯିବା ଫଳରେ କାରଟି ରାସ୍ତା କଡର ଏକ ପୋଲକୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ସୌଭାଗ୍ୟବଶତଃ ବଡ଼ ଦୁର୍ଘଟଣାରୁ ଅଳ୍ପକେ ସମସ୍ତେ ବର୍ତ୍ତି ଯାଇଥିବା ବେଳେ ଚାଳକଙ୍କୁ ସାମାନ୍ୟ ଆଘାତ ଲାଗିଥିଲା। ଖବରପାଇ ଦିଗପହଣ୍ଡିରୁ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

# ଗଞ୍ଜାମର ୨୮,୭୮୪ ଚାଷୀ ବିକି ପାରିଲେନି ଧାନ

ଛତ୍ରପୁର,୧୧।୪ (ସନ୍ତୋଷ ପାଢ଼ୀ):

ଗଞ୍ଜାମ ଜିଲାରେ ଚଳିତ ବର୍ଷ ମଧ୍ୟ ଧାନର ଅଭାବି ବିକ୍ରୀ ହୋଇଛି । ଫଳରେ ପଞ୍ଜୀକୃତ ୨୮ ହଜାରରୁ ଊର୍ଦ୍ଧ୍ୱ ଚାଷୀ ନିଜ ଅମଳ ଧାନକୁ ସରକାରଙ୍କୁ ବିକ୍ରି କରିପାରିନାହାନ୍ତି । ଯୋଗାଣ ଓ ସମବାୟ ବିଭାଗ, ମିଲର ଓ ଅସାଧୁ ବେପାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ଏଭଳି ପରିସ୍ଥିତି ପ୍ରତିବର୍ଷ ଗଞ୍ଜାମ ଜିଲାରେ ଦେଖିବାକୁ ମିଳୁଛି। ଧାନକିଣା ଅବଧି ଜିଲାରେ ସରିଯାଇଛି। ବହୁ ଚାଷୀଙ୍କ ଟୋକେନ୍ ଆସିଥିଲେ ମଧ୍ୟ ମିଲର ଓ ସୋସାଇଟିର ମନୋମୁଖୀ ପାଇଁ ଟୋକନ୍ ଅବଧି ଲ୍ୟାପ୍ସ ହୋଇଯାଇଥିବାରୁ ଧାନ ଚାଷୀଙ୍କଠାରୁ କିଣାଯାଇପାରିନଥିବା ଜଣାଯାଇଛି। ସୂଚନା ଅନୁସାରେ ଜିଲାରେ ଖରିଫ ଧାନ ବିକ୍ରି ପାଇଁ ୧ ଲକ୍ଷ ୩୯ ହଜାର ୮୩୦ ଜଣ ଚାଷୀ ଅନଲାଇନ୍‌ରେ ପଞ୍ଜୀକୃତ କରିଥିଲେ। ଏଥିରୁ କେବଳ ୧ ଲକ୍ଷ ୧୧ ହଜାର ୪୬ ଜଣ ଚାଷୀଙ୍କ ଠାରୁ ସରକାରୀ ସଂସ୍ଥା ଧାନ କିଣିପାରିଛନ୍ତି । ଏମାନଙ୍କଠାରୁ ୪୪୪୮୫୬୫.୬୯ କ୍ୟୁଇଣ୍ଟାଲ ଧାନ କିଣାଯାଇଛି। ଏହି ଧାନ କିଣା ପ୍ରକ୍ରିୟାରେ ଜିଲାର ୩୬୨ଟି ପ୍ରାଥମିକ ସମବାୟ ସେବା ସମିତି, ୧୧୮ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଗୋଟିଏ ପାଣି ପଞ୍ଚାୟତ ସାମିଲ ଥିଲେ। ଚଳିତଥର ଜିଲାର ୨୮ ହଜାର ୭୮୪ ଜଣ ଚାଷୀଙ୍କଠାରୁ ସରକାର ଧାନ କିଣିପାରିନାହାନ୍ତି। ସୂଚନାଯୋଗ୍ୟ ଗଞ୍ଜାମ ଜିଲା ଏକ କୃଷି ପ୍ରଧାନ ଜିଲା । ରାଜ୍ୟରେ ଚଳିତ ଥର ଗଞ୍ଜାମ ଜିଲାର ଦ୍ୱିତୀୟ ସର୍ବାଧିକ ଚାଷୀ ଧାନ ବିକିବା ପାଇଁ ଅନଲାଇନ୍‌ରେ ପଞ୍ଜିକରଣ କରିଥିଲେ। ସୂଚାଯୋଗ୍ୟ ୨୦୨୧-୨୨ରେ ପଞ୍ଜିକୃତ ଚାଷୀଙ୍କ ମଧ୍ୟରୁ ୨୬ ହଜାର ୩୪୩ ଜଣ ଚାଷୀ ଧାନ ବିକି ପାରିନଥିଲେ। ସେହିପରି ୨୦୨୨-୨୩ରେ ଜିଲାର ୧୦ ହଜାର ଚାଷୀଙ୍କଠାରୁ ଧାନ କିଣାଯାଇନଥିଲା। ପ୍ରତିବର୍ଷ ହଜାର ହଜାର ପଞ୍ଜିକୃତ ଚାଷୀଙ୍କଠାରୁ ଧାନ କିଣାଯାଉନଥିବା ରଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ କହିଛନ୍ତି। ଧାନ କିଣାରେ ଅବ୍ୟବସ୍ଥା ଓ ଅନିୟମିତତା ହେଉଥିବା ମହାସଭାର ସମ୍ପାଦକ ଅଭିଯୋଗ କରିଛନ୍ତି। ଏପରିକି ଅଖା ବାବଦରେ ଅର୍ଥ ମିଳୁନି। ଏଥିସହ ବହୁ ଚାଷୀଙ୍କ ଠାରୁ ଧାନ କିଣାଯାଇଥିଲେ ହେଁ ଟଙ୍କା ଦିଆଯାଇନଥିବା ଅଭିଯୋଗ ହୋଇଛି। ୬ ମାସ ଆଗରୁ ସରକାରଙ୍କୁ ଧାନ ବିକ୍ରି ପାଇଁ ଚାଷୀ ଅନଲାଇନ୍‌ରେ ପଞ୍ଜିକୃତ କରିଥାଏ । ତେବେ ଅମଳ ପରେ ଚାଷୀଙ୍କଠାରୁ ଧାନ କିଣିବାକୁ ଯୋଗାଣ, ସୋସାଇଟି ଓ ମିଲରମାନେ ମନୋମୁଖୀ କରିଥାନ୍ତି । ଫଳରେ ଚାଷୀମାନେ ଜିଲାପାଳ, ଜିଲା ଯୋଗାଣ, ସମବାୟ କାର୍ଯ୍ୟାଳୟ, ବ୍ଲକ ଓ ତହସିଲ କାର୍ଯ୍ୟାଳୟକୁ ଆସି ସରକାରୀ ବାବୁଙ୍କଠାରେ ସେମାନଙ୍କ ଧାନ କିଣିବାକୁ ଗୁହାରି କରିଥାନ୍ତି। ଏପରିକି ଉକ୍ତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାଠାରୁ ଆରମ୍ଭ କରି ଅଧିକାରୀଙ୍କୁ ଚାଷୀ ଘେରାଉ କରିଥିବା ଦେଖିବାକୁ ମିଳିଥାଏ। ମାତ୍ର ପ୍ରତିଶ୍ରୁତ କେବଳ ମିଳିଥାଏ। ଏହା ଗତ କିଛି ବର୍ଷ ହେଲା ଜିଲାରେ ଦେଖିବାକୁ ମିଳିଆସୁଛି । ପ୍ରତିବର୍ଷ ୨୦ ହଜାରରୁ ଊର୍ଦ୍ଧ୍ୱ ପଞ୍ଜିକୃତ ଚାଷୀମାନଙ୍କଠାରୁ ଧାନ କିଣାଯାଇପାରୁନି। ଫଳରେ ଏହାର ଫାଇଦା ଅସାଧୁ ବେପାରୀ ଓ ମଧ୍ୟସ୍ତି ନେଇଥାନ୍ତି। ଏଥିଯୋଗୁଁ ଚାଷୀମାନେ ସରକାରୀ ଧାର୍ଯ୍ୟ ଦରଠାରୁ କମ୍ ଦରରେ ନିଜ ଅମଳ କରିଥିବା ଧାନ ବିକିବାକୁ ବାଧ୍ୟ ହେଉଛନ୍ତି। କେତେକ ଚାଷୀଙ୍କ ଧାନ ମୂଷା ଆଦି ଜୀବଜନ୍ତୁ ଖାଇ ନଷ୍ଟ କରୁଛନ୍ତି। ଆଉ କେତେକ ଚାଷୀ ବାଧ୍ୟ ହୋଇ ଆନ୍ଧ୍ର ବେପାରୀଙ୍କୁ ଧାନ ବିକିଥିବା ଦେଖିବାକୁ ମିଳିଛି ।

# ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକ ଜଣେଇଲେ



ଛତ୍ରପୁର,୧୧।୪ (ସନ୍ତୋଷ ପାଢ଼ୀ): ପବିତ୍ର ରମଜାନ ମାସର ଶେଷ ଅବସରରେ ଛତ୍ରପୁର ପୁତିଗୋପାଳପୁର ମସଜିଦରେ ଧର୍ମଗୁରୁ ହାଫିସ ମହମ୍ମଦ ଜମିରଉଦ୍ଦିନଙ୍କ ତତ୍ତ୍ୱାବଧାନରେ ସମୁହ ନମାଜପାଠ କରି ଇଦ ଧୁମଧାମରେ ପାଳନ ହୋଇଛି। ଏହି ଅବସରରେ ମୁସଲିମ ଭାଇମାନେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକ ଜଣାଇଛନ୍ତି। ଏହି ପବିତ୍ର ରମଜାନ ମାସରେ ଦୀର୍ଘ ଏକ ମାସ ଧରି ରୋଜା ବା ଉପବାସ ପାଳନ କରିଥାନ୍ତି। ଏହାସହ ଗରିବ ଲୋକଙ୍କୁ ବସ୍ତ୍ର, ଖାଦ୍ୟ ଓ ବିଭିନ୍ନ ଆର୍ଥିକ ସହାୟତା ମଧ୍ୟ କରିଥାନ୍ତି। ଏହା ଦ୍ୱାରା ପୂଣ୍ୟ ଅର୍ଜନ ହୋଇଥାଏ ବୋଲି ମଧ୍ୟ ମୁସଲମାନମାନଙ୍କ ବିଶ୍ୱାସ ରହିଛି। ଏହି ପର୍ବ ମୁସଲମାନ ଭାଇମାନଙ୍କ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ପର୍ବ ଅଟେ। ଏହି ଅବସରରେ ଆଫୋ ଖାନ, ଆଫତାବ ଖାନ, ଇଜୁ ଅମିନ ଖାନ, ଜାକିର ଖାନ, ଇସୁବ ଖାନ, ଆଇବ ଖାନ, ଜଲାଲ ଖାନ, ଆର୍ଶଲାନ ଖାନ, ସିକନ୍ଦର ଖାନ, ସଲମାନ ଖାନ ପ୍ରମୁଖ ସମସ୍ତଙ୍କୁ ଇଦର ଶୁଭେଚ୍ଛା ଜଣାଇଥିଲେ।

# ଭାଜପାରେ ମିଶିଲେ ଅନ୍ୟ ଦଳର ନେତା, କର୍ମୀ



ପାତ୍ରପୁର, ୧୧।୪(ଉମାଚରଣ ନେପାକ): ଚିକିଟି ନିର୍ବାଚନ ମଣ୍ଡଳୀରେ କ୍ରମାଗତ ଭାବରେ ଭାଜପାର ମିଶ୍ରଣ ପର୍ବ ଚାଲିଥିବା ବେଳେ ଗୁରୁବାର ଗୁଣ୍ଠୁରା ପଞ୍ଚାୟତରେ ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନସାମନ୍ତରା ଘର ଘର ବୁଲି ଭୋଟ ଭିକ୍ଷା କରିଛନ୍ତି। ପ୍ରତ୍ୟେକ ଗ୍ରାମରେ ଲୋକେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ରାଙ୍କୁଡ଼ା, କଇଠା, ଗୁଣ୍ଠୁରା, ସୁନାରେଡି, ଲକ୍ଷ୍ମୀପୁର, ସୁନାଖଳା, ଜଗନ୍ନାଥପୁର ଓ ବନମାଳୀପୁର ପ୍ରମୁଖ ଗ୍ରାମରେ ଶୋଭାଯାତ୍ରା କରିଥିବା ବେଳେ ସୁନାଖଳାରେ ଆୟୋଜିତ ସଭାରେ ସୁନାଖଳା ଗ୍ରାମର ୪୦ ପରିବାର ଅନ୍ୟାନ୍ୟ ଗ୍ରାମର ୨୦ ପରିବାର ବିଜେଡି ଛାଡି ଭାଜପାରେ ସାମିଲ ହୋଇଥିଲେ। ନବାଗତ ଭାଜପା କର୍ମୀମାନଙ୍କୁ ସାମନ୍ତରା ଟୋପି ଓ ଉତ୍ତରୀୟ ପରିଧାନ କରାଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ୱାଇ ସଂଯୁକ୍ତା, ଜାଗିଲି ରଣା, ସନ୍ତୋଷ କୁମାର ପାତ୍ର, ରଞ୍ଜନ ପ୍ରଧାନ, ରାମ କୃଷ୍ଣ ନାୟକ, ବାଲାଜୀ ପାଢ଼ୀ, ସନ୍ତୋଷ ପ୍ରଧାନ ଦେବେନ୍ଦ୍ର ରଣାଙ୍କ ସମେତ ହଜାର ହଜାର କର୍ମୀ ଉପସ୍ଥିତ ଥିଲେ।

### ଭାଜପାର ସମନ୍ୱୟ ବୈଠକ

ଆସିକା,୧୧।୪(ସୁରେନ୍ଦ୍ରନାଥ ସାହୁ)

ଆସିକା ଲୋକସଭା ଆସନରେ ଦଳୀୟ କାର୍ଯ୍ୟକ୍ରମକୁ ଆଗେଇ ନେବା ଓ ଦଳୀୟ ପ୍ରାର୍ଥୀଙ୍କ ବିଜୟ ଲାଗି ଭାଜପା ପକ୍ଷରୁ ଗୁରୁବାର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଶୋକା କନଫେରେନ୍ସ ହଲ ଠାରେ ଅନୁଷ୍ଠିତ ଉକ୍ତ ବୈଠକରେ ରାଜ୍ୟ ଭାଜପା ସାଧାରଣ ସଂପାଦକ ଶାରଦା ଶତପଥୀ ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସହ ପ୍ରାନ୍ତ ସଂଘ ଚାଳକ ମନସୁଖ ସେଠିଆ, ଆସିକା ଲୋକ ସଭା ଆସନର ପ୍ରଭାରୀ ଅଜୟ ମିଶ୍ର, ସଂଯୋଜକ ଯଜ୍ଞନାରାୟଣ ଦାଶ ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ବନବାସୀ କଲ୍ୟାଣ ଆଶ୍ରମ, ଏବିଭିପି ଭଳି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସହଯୋଗୀଙ୍କ ସହ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସମନ୍ୱୟ ରକ୍ଷା କରି ଆଗାମୀ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ବିଜୟ ଲାଗି କିଭଳି ସଂକଳ୍ପବଦ୍ଧ ହୋଇପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ସଂଘ ପକ୍ଷରୁ ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜଣେ ସଂଯୋଜକ ଓ ଜଣେ ସହସଂଯୋଜକ ରହିବେ । ସେମାନେ ବିବିଧ କ୍ଷେତ୍ରର କାର୍ଯ୍ୟକର୍ତ୍ତାଙ୍କ ସହ ଯୋଗାଯୋଗ କରି ଦଳିୟ ସଂଯୋଜକଙ୍କ ସହ ଆଲୋଚନା କରି କାର୍ଯ୍ୟକୁ ଆଗେଇ ନେବେ। ବୈଠକରେ ଆସିକା ଲୋକ ସଭା ପ୍ରାର୍ଥିନୀ ଅନିତା ଶୁଭଦର୍ଶିନୀ ଏବଂ ବିଭିନ୍ନ ବିଧାନସଭା କ୍ଷେତ୍ରର ପ୍ରାର୍ଥୀ ନୀଳମଣି ବିଷୋୟୀ, ସରୋଜ କୁମାର ପାଢୀ, ଶିଶିର ମିଶ୍ର, ପ୍ରତାପ ନାୟକ, ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସମେତ ବିଭିନ୍ନ କ୍ଷେତ୍ରର ପ୍ରଭାରୀ ଦୁର୍ଗାଚରଣ ପଟ୍ଟନାୟକ, ସନ୍ତୋଷ କୁମାର ଦାଶ, ଶେଷଦେବ ପଣ୍ଡା, ମୂରଲିଧର ପାଣିଗ୍ରାହୀ, ଗୋପାଳ ଗୌଡ, ଜୟନ୍ତୀ ପଡିଆରୀ ଏବଂ ସ୍ୱୟଂ ସେବକ ସଂଘର ବିଚିତ୍ରାନନ୍ଦ ପୋଲାଇ, ସିମାଞ୍ଚଳ ମିଶ୍ର ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ତାଲୁକ ଆଇନ ସେବା କମିଟି ପକ୍ଷରୁ ସଚେତନତା



ବୈଠକରେ ଯୋଗଦେଇଥିବା ଅତିଥି।

ଛତ୍ରପୁର, ୧୧।୪ (ଦିଲୀପ ସାମଲ):

ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ ପ୍ରତିଭା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ ମନୋରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍‌ଡିଜେଏମ ପ୍ରୀତିଶ କୁମାର ରଥ, ଛତ୍ରପୁର ଏସ୍‌ଡିପିଓ ଗୌରହରି ସାହୁ, କମିଟିର ସଭ୍ୟ ମନୋଜ କୁମାର ପାଢି ଓ ସୁରଜିତ ସାମନ୍ତରାୟ, ପ୍ରତିଭା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଚିନ୍ମୟ କୁମାର ଦାଶ ପ୍ରମୁଖ ଯୋଗଦେଇ ତାଲୁକ ସେବା କମିଟି ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସମ୍ପର୍କରେ ବିଦ୍ୟାର୍ଥୀମାନଙ୍କୁ ସଚେତନତା କରାଇଥିଲେ।

# ସୂର୍ଯ୍ୟମଣି-ପୂର୍ଣ୍ଣଚନ୍ଦ୍ରଙ୍କ ମଧ୍ୟରେ ହେବ କଡ଼ା ଟକ୍କର

ପୁରୁଷୋତ୍ତମପୁର, ୧୧।୪ (ସୀମାଞ୍ଚଳ ମିଶ୍ର):



ସୂର୍ଯ୍ୟମଣି ବୈଦ୍ୟ



ପୂର୍ଣ୍ଣଚନ୍ଦ୍ର ସେଠୀ

ଖଲ୍ଲିକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀ ୧୯୮୫ରୁ ଜନତା ଦଳ ଓ ବିଜେଡି କବଜାରେ ରହିଛି। ଏଠାରୁ କ୍ରମାଗତ ଭାବରେ ଖଲ୍ଲିକୋଟ ରାଣୀ ଭି.ସୁଜ୍ଞାନ କୁମାରୀ ଦେଓ ବିଧାୟିକା ନିର୍ବାଚିତ ହୋଇ ଆସୁଥିଲେ। ମାତ୍ର ୨୦୦୮ ସୀମା ନିର୍ଦ୍ଧାରଣ ପରେ ଏହି ଆସନ ଅନୁସୂଚିତ ଜାତି ବର୍ଗଙ୍କ ଲାଗି ସଂରକ୍ଷିତ ହୋଇଛି। ସେବେଠାରୁ ରାଣୀଙ୍କ ନେତୃତ୍ୱରେ ବିଜେଡିର ପୂର୍ଣ୍ଣଚନ୍ଦ୍ର ସେଠୀ ୨ଥର ବିଧାୟକ ହୋଇଥିବାବେଳେ ଓ ୨୦୧୯ ନିର୍ବାଚନରେ ସୂର୍ଯ୍ୟମଣି ବୈଦ୍ୟ ବିଧାୟିକା ହୋଇଛନ୍ତି। ତେବେ ଗତ ମାସରେ ଖଲ୍ଲିକୋଟ ରାଣୀଙ୍କ ଦେହାନ୍ତ ପରଠାରୁ ବିଜେଡିରେ ସ୍ଥିତି ନେଇ ରାଜନୈତିକ ମହଲରେ ଭିନ୍ନ ଆଲୋଚନା ହେଉଛି। କର୍ମୀଙ୍କୁ ନେଇ ଦଳକୁ ସଂଗଠିତ କରିବା ଭଳି ବ୍ୟକ୍ତିତ୍ୱ ଅଭାବ ରହିଛି। ତେଣୁ ଚଳିତଥର ଏହି ଆସନ କିଏ ହାତେଇବ ଆକଳନ କରି ହେଉନାହିଁ।

ଏହି ଆସନ ପାଇଁ ବିଜେଡି ପୁଣି ସୂର୍ଯ୍ୟମଣିଙ୍କୁ ପ୍ରାର୍ଥୀ କରିଥିବା ବେଳେ ବିଜେଡି ଛାଡିଥିବା ପୂର୍ଣ୍ଣଚନ୍ଦ୍ରଙ୍କୁ ଭାଜପା ଟିକେଟ ଦେଇଛି। ସୂର୍ଯ୍ୟମଣି ବର୍ତ୍ତମାନ ବିଧାୟିକା ଥିବାରୁ ତାଙ୍କ ଲୋକ ସମର୍ଥନ ଓ ମୁଖ୍ୟମନ୍ତ୍ରୀଙ୍କ ଜନହିତକର କାର୍ଯ୍ୟକୁ ନେଇ ନିର୍ବାଚନୀ ବୈତରଣୀ ପାର କରିବାକୁ ଚେଷ୍ଟା କରୁଛନ୍ତି। ୨୦୦୮ରୁ ୨୦୧୯ ପର୍ଯ୍ୟନ୍ତ ବିଧାୟକ ଥିବା ପୂର୍ଣ୍ଣଚନ୍ଦ୍ର ନିଜର ଲୋକପ୍ରିୟତା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକର କାର୍ଯ୍ୟକୁ ନେଇ ଲୋକଙ୍କ ନିକଟତର ହେବେ ଏଥିରେ ସନ୍ଦେହ ନାହିଁ। ସୂର୍ଯ୍ୟମଣି ଓ ପୂର୍ଣ୍ଣଚନ୍ଦ୍ରଙ୍କ ମଧ୍ୟରେ କଡା ଟକ୍କର ହେବ ଏଥିରେ ସନ୍ଦେହ ନାହିଁ। ସବୁଠୁ ବଡ କଥା ହେଲା ଗତ ପଞ୍ଚାୟତ ନିର୍ବାଚନରେ ବିଭିନ୍ନ ସ୍ଥାନରେ ବିଧାୟିକାଙ୍କ ବିରୋଧରେ ବିଦ୍ରୋହର ସ୍ୱର ଲାଗି ରହିଛି। ଖଲ୍ଲିକୋଟରେ ରାଣୀ ଲିଗାସିମାନେ ବିଧାୟିକା ଅଣଦେଖା କରୁଥିବାରୁ ଅସନ୍ତୁଷ୍ଟ ଅଛନ୍ତି। ଏହି ବିଦ୍ରୋହ ଓ ଅସନ୍ତୋଷର ଗୋଳିଆ ପାଣିରୁ ଭାଜପା ଫାଇଦା ନେବାକୁ ଜଗି ବସିଛି। ଅନ୍ୟପଟେ ଖଲ୍ଲିକୋଟ ଓ ପୁରୁଷୋତ୍ତମପୁର ଅଞ୍ଚଳର ବିଜେଡିର କେତେଜଣ ପୁରୁଖା ନେତା ଓ କର୍ମୀ ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତିକୁ ଦେଖି ଦଳ ଛାଡିବାକୁ ଉଚିତ ନ ମଣି ସଂଗଠନ ଠାରୁ ଦୂରେଇ ଯାଇଛନ୍ତି। ଯେଉଁ କେତେଜଣ ନେତା ଦଳରେ ସକ୍ରିୟ ଥିବା କହୁଛନ୍ତି, ସେମାନଙ୍କ ନିକଟରେ ଭୋଟର ନାହାନ୍ତି। ଏଭଳି ସ୍ଥିତିରେ ବିଜେଡି କିପରି ଗଡ ରକ୍ଷାକରିବ ତାହା ଏଠାରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଜାମିଆ ମସ୍‌ଜିଦରେ ଇଦ୍-ଉଲ-ଫିତର



ପରସ୍ପରକୁ ଇଦ୍ ଶୁଭେଚ୍ଛା ଜଣାଉଛନ୍ତି।

ଆସିକା,୧୧।୪(ସୁରେନ୍ଦ୍ରନାଥ ସାହୁ)

ଆସିକା ହାଟପଦାସ୍ଥିତ ଜାମିଆ ମସଜିଦରେ ଗୁରୁବାର ମୁସଲମାନ ସଂପ୍ରଦାୟ ପକ୍ଷରୁ ଭାଇଚାରାର ପର୍ବ ଇଦ-ଉଲ-ଫିତର ପାଳିତ ହୋଇଥିଲା । ଜାମିଆ ମସଜିଦର ମୁଖ୍ୟ ପୂଜକ ସାହାନବାଜ ହୁସେନ ନମାଜ ପାଠ କରିବା ସହ ଇସଲାମିକ ଧର୍ମ ସମ୍ପର୍କରେ ଆଲୋଚନା କରିଥିଲେ । ସାମୁହିକ ନମାଜ ପାଠ ପରେ ପରସ୍ପରକୁ ଇଦ-ମୁବାରକ ଜଣାଇଥିଲେ । କାର୍ଯ୍ୟକ୍ରମରେ ମୁନାଫ ସରିଫ, ଆଲତାଫ ସରିଫ, ମେହେମୁଦ ସରିଫ, ହୁସେନ ସରିଫ, ସେକ ସାଜିଦ, ୱାଲି ମହମ୍ମଦ, ରିଆଜ ମହମ୍ମଦ, ସାଏଦ ଇମତିହାଜ ଙ୍କ ସମେତ ଆଖପାଖ ଅଞ୍ଚଳର ମୁସଲମାନ ସଂପ୍ରଦାୟର ବ୍ୟକ୍ତି ଯୋଗଦେଇଥିଲେ ।

# ମଦ ବ୍ୟାରେଲ ଜବତ

ଗଞ୍ଜାମ,୧୧।୪(ବିଦ୍ୟାଧର ସାହୁ): ଗଞ୍ଜାମ ଥାନା ଅଧୀନସ୍ଥ ଅଗସ୍ତି ନୂଆଗାଁ ଓଡିଆରପି କଲୋନୀ ନିକଟରୁ ମଦ ବ୍ୟାରେଲ ଜବତ କରିଛି ଗଞ୍ଜାମ ପୋଲିସ। ପୋଲିସ ଗାଡିକୁ ଦେଖି ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣା ଦିଆଯାଇଥିବା ବ୍ୟାଗ ଛାଡ଼ି ଚମ୍ପଟ ମାରିଥିଲେ ମଦ ବେପାରୀ। ପୋଲିସ ସେଗୁଡିକ ଜବତ କରିଥିବା ଜଣାପଡିଛି।

# ମାଣିତିରାରେ ଭାଜପାର ମିଶ୍ରଣ ପର୍ବ



ଉପସ୍ଥିତ ଭାଜପା ନେତା ଓ କର୍ମୀ ।

ବୁଗୁଡା,୧୧।୪(କାଳିଚରଣ ଦାଶ): ବୁଗୁଡା ବ୍ଲକ ଅନ୍ତର୍ଗତ ମାଣିତରା ପଞ୍ଚାୟତର ମାଙ୍କଡଖାଇ ତୋଟା ପରିସରରେ ଘୁମୁସର ସାଙ୍ଗଠନିକ ଜିଲା ଭାଜପା ସଭାପତି ତଥା ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସଭାପତିତ୍ୱରେ ପୁଣି ଏକ ମିଶ୍ରଣ ପର୍ବର ଆୟୋଜନ ହୋଇଥିଲା। ମାଣିତରା ପଞ୍ଚାୟତର ଯୁବ ନେତା ବବୁଲ ନାୟକଙ୍କ ନେତୃତ୍ୱରେ ପଞ୍ଚାୟତର ଅନେକ ପରିବାର ଭାଜପାରେ ସାମିଲ ହୋଇଥିଲେ। ସେହିପରି ଗୋଳାବନ୍ଧ ପଞ୍ଚାୟତର ପୂର୍ବତନ ସରପଞ୍ଚ ବସନ୍ତ କୁମାର ସାମଲଙ୍କ ନେତୃତ୍ୱରେ ବହୁ ପରିବାର ପ୍ରଧାନମନ୍ତ୍ରୀଙ୍କ ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଥିଲେ। ସମସ୍ତଙ୍କୁ ଘୁମୁସର ସାଙ୍ଗଠନିକ ଜିଲା ସଭାପତି ତଥା ଭାଜପାର ବିଧାୟକ ପ୍ରାର୍ଥୀ ମଲ୍ଲିକ ଓ ଉପସଭାପତି ପ୍ରଭାକର ପଣ୍ଡା ଭାଜପାର ଟୋପି ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ନାରୀନେତ୍ରୀ ଆରତୀ ଦେବୀ, ସୁନୀଲ ପାଢ଼ୀ, ବୀର ବିକ୍ରମାଦିତ୍ୟ ଆରୁଖ, ବାବୁଲ ନାୟକ, ପବିତ୍ର ନାୟକ, ଶ୍ରୀହର୍ଷ ପ୍ରଧାନ, କୃଷ୍ଣଚନ୍ଦ୍ର ମହାପାତ୍ର, ସନ୍ତୋଷ କୁମାର ବିଶ୍ୱାଳ, ଧୋବା ପ୍ରଧାନ, ସୁଶାନ୍ତ ଡାକୁଆଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ପାନୀୟ ଜଳ ପାଇଁ ପୋଲିସ-ଗ୍ରାମବାସୀ ମୁହାଁମୁହିଁ



ରାସ୍ତାରେ ଟାୟାର ଜାଳି ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

ଦିଗପହଣ୍ଡି,୧୧।୪(ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ବ୍ଲକ ବମକୋଇ ପଞ୍ଚାୟତ ଖଇରପଙ୍କ ଗ୍ରାମରେ ଉତ୍କଟ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ନେଇ ଗୁରୁବାର ଗ୍ରାମବାସୀ ପକ୍ଷରୁ ସକାଳ ସାଢେ ୯ଟାରୁ ସାଢେ ୧୦ଟା ପର୍ଯ୍ୟନ୍ତ ଦିଗପହଣ୍ଡି-ନୂଆପଡ଼ା ମୁଖ୍ୟରାସ୍ତାକୁ ଅବରୋଧ କରାଯାଇଥିଲା। ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ ଯୋଗୁଁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ନୂଆପଡ଼ା ଫାଣ୍ଡି ପୋଲିସ ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଗ୍ରାମବାସୀ ଜିଦ୍‌ରେ ଅଟଳ ରହିଥିଲେ। ଗ୍ରାମବାସୀ ଓ ପୋଲିସ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଗ୍ରାମରେ ୧୮୦ ପରିବାରର ୬୦୦ ରୁ ଊର୍ଦ୍ଧ୍ୱ ଲୋକ ବସବାସ କରି ଆସୁଛନ୍ତି। ଏପରିକି ଗ୍ରାମରେ ୩ଟି ନଳକୂପ ରହିଥିବା ବେଳେ ସେଥିରୁ ୨ଟି ଅଚଳ ହୋଇପଡିଛି। ଗ୍ରାମରେ ପାନୀୟଜଳ ପ୍ରକଳ୍ପ ନଥିବାରୁ ଗ୍ରାମବାସୀମାନେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ରହୁଛନ୍ତି। ଏନେଇ ଗ୍ରାମବାସୀ ବାରମ୍ବାର ପ୍ରଶାସନ ନିକଟରେ ଦାବିକରି ଆସୁଥିଲେ ମଧ୍ୟ ଆଜିଯାଏଁ ଗ୍ରାମରେ ପାନୀୟ ଜଳର ସମାଧାନ ହୋଇ ପାରୁନଥିବା ଗ୍ରାମବାସୀ କହିଛନ୍ତି। ନିର୍ବାଚନ ଆସିଲେ ମାଳମାଳ ନେତା ଗ୍ରାମକୁ ଆସି ଖୁବଶୀଘ୍ର ଗ୍ରାମରେ ପାନୀୟଜଳ ପ୍ରକଳ୍ପ ନିର୍ମାଣ କରାଯିବ ବୋଲି ଲୋକଙ୍କୁ ପ୍ରତିଶ୍ରୁତି ଦେଇ ପରେ ପ୍ରତାରଣା କରୁଥିବା ଅଭିଯୋଗ ହୋଇଛି। ଫଳରେ ଗୁରୁବାର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ହାଣ୍ଡି ମାଠିଆ ଧରି ରାଜରାସ୍ତାକୁ ଓହ୍ଲାଇ ନିଆଁ ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ସରପଞ୍ଚ ତପନ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିବା ସହ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ହଟିଥିବା ଜଣାପଡିଛି।

# ଗୋବରୀ ପୁନରୁଦ୍ଧାର ନାଁରେ କୋଟି କୋଟି ଟଙ୍କା ଚଳୁ

- ଐତିହାସିକ ନଦୀ ଏବେ ଖେଳପଡ଼ିଆ
- ନଦୀ ଦେଇ କଳିଙ୍ଗର ସାଧବମାନେ ନୌବାଣିଜ୍ୟ କରୁଥିଲେ
- ଇଂରେଜଙ୍କ ବୋଟ୍ ଚାଲୁଥିଲା

ପଟ୍ଟାମୁଣ୍ଡାଇ,୧୧।୪ (କଳ୍ପତରୁ ନାୟକ)



ଗୋବରୀ ନଦୀରେ ଦଳ ପୂର୍ଣ୍ଣ ହୋଇଛି ।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହର ଦେଇ ବହିଯାଉଥିବା ଗୋବରୀ ନଦୀ ଏବେ ସୁପ୍ତ ଅବସ୍ଥାରେ ଖେଳପଡ଼ିଆରେ ପରିଣତ ହୋଇ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଉଛି । କେବଳ ଯେ ନଦୀ ସୁପ୍ତ ହୋଇ ଜବରଦଖଲ ହେଉଛି ତାହା ନୁହେଁ ପରିବେଶ ଉପରେ ମଧ୍ୟ ଯଥେଷ୍ଟ ପ୍ରଭାବ ପକାଉଛି । କାରଣ ପଟ୍ଟାମୁଣ୍ଡାଇ ସମେତ ଏକାଧିକ ଅଞ୍ଚଳର ଜଳ ସମସ୍ୟା ଦୂର କରିବା ସହ ଚାଷଜମିକୁ ଜଳସେଚନ ସୁବିଧା ଦେଉଥିଲା । ଫଳରେ ଏହି ନଦୀ ଉପରେ ନିର୍ଭର କରୁଥିବା ପଟ୍ଟାମୁଣ୍ଡାଇ ଅଞ୍ଚଳ ସମେତ ମହାକାଳପଡ଼ା, କେନ୍ଦ୍ରାପଡ଼ା ବ୍ଲକର ଶତାଧିକ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନିକଟରେ ଗୋବରୀ ପୁନରୁଦ୍ଧାର ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ବି କୌଣସି ସୁଫଳ ମିଳି ପାରି ନ ଥିବାରୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

ବୁଦ୍ଧିଜୀବୀ ପ୍ରଫୁଲ୍ଲ ଦାଶ କହିଛନ୍ତି, ଦିନେ ଏହି ନଦୀ ପଥ ବ୍ରାହ୍ମଣୀରୁ ଗୋବରୀ ନଦୀ ଦେଇ ବଙ୍ଗୋପସାଗରକୁ ଇଂରେଜଙ୍କ ବୋଟ୍ ଚଳାଚଳ କରୁଥିଲା । ଇଂରେଜମାନେ କଟକ–ଯାଜପୁର–କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ, ମହାକାଳପଡ଼ା ଦେଇ ଜଳପଥରେ ବାଣିଜ୍ୟ କରୁଥିଲେ । ବାଣିଜ୍ୟ କାରବାର ପାଇଁ ଗୋବରୀ ନଦୀ ମୁଖ୍ୟ ମାଧ୍ୟମ ଥିଲା । ମାତ୍ର ଏବେ ଏହି ଐତିହ୍ୟ ନଦୀଶଯ୍ୟା ଖେଳପଡ଼ିଆରେ ପରିଣତ ହୋଇଯାଇଛି । ଗବେଷକ ବିଭୂତି ମହାପାତ୍ରଙ୍କ କହିବା ଅନୁସାରେ, ଖ୍ରୀଷ୍ଟପୂର୍ବ ୪୦୦ରୁ ଖ୍ରୀଷ୍ଟାବ୍ଦ ୮୦୦ ପର୍ଯ୍ୟନ୍ତ ଦୀର୍ଘ ସମୟ ଧରି ଏହି ଗଭୀର ନଦୀ ନାଳ ଦେଇ ସମୁଦ୍ରରେ ନୌବାଣିଜ୍ୟ କରି କଳିଙ୍ଗ ସାଧବମାନେ ରାଜ୍ୟକୁ ବହୁଭାବେ ସମୃଦ୍ଧ କରିଥିଲେ । ସେତେବେଳେ କଳିଙ୍ଗ ସନ୍ତାନର ସୁନାମ ଏତେ ବ୍ୟାପିଥିଲା ଯେ, ବଙ୍ଗୋପସାଗରକୁ କଳିଙ୍ଗ ସାଗର କୁହାଯାଇଥିଲା । କଳିଙ୍ଗର ସାଧବମାନେ ନୌବାଣିଜ୍ୟରେ ଏତେ ପ୍ରସିଦ୍ଧି ଲାଭ କରିଥିଲେ ଯେ, ତତ୍କାଳୀନ ସମୟରେ ଈର୍ଷାର ପାତ୍ର ହୋଇଥିଲେ । ସେଥିପାଇଁ ନୌବାଣିଜ୍ୟରେ କଳିଙ୍ଗର ଏକାଧିପତ୍ୟକୁ ନ୍ୟୂନ କରିବା ଉଦ୍ଦେଶ୍ୟରେ ତତ୍କାଳୀନ ମଗଧ ସମ୍ରାଟ ଅଶୋକ ପ୍ରସିଦ୍ଧ କଳିଙ୍ଗ ଯୁଦ୍ଧ କରିଥିଲେ । ସେକଥା ଆଜି ଅବିଶ୍ୱାସ ଲାଗିଲେ ମଧ୍ୟ ସତ । ଷୋଡ଼ଶ ଶତାବ୍ଦୀରୁ ପୁଣି ପୃଥିବୀର ଶ୍ରେଷ୍ଠ ନୌବାହିନୀ ବ୍ରିଟିଶ ରୟାଲ ନାଭି ଦୁର୍ଦ୍ଧର୍ଷ ଭାବେ ବିଖ୍ୟାତ ହୋଇଥିଲା । ମହାକାଳପଡ଼ା ନିକଟ ସମୁଦ୍ର ସହ ସଂଯୋଗ ଗୋବରୀ–ବ୍ରାହ୍ମଣୀ ନଦୀ ଦେଇ କଟକରେ ପହଞ୍ଚୁଥିଲେ । ସେଠାରୁ ଗୋବରୀ ନଦୀ ଦେଇ ବୋଟ, ବଡ଼ବଡ଼ ପାଲଟଣା ଡଙ୍ଗାରେ କଞ୍ଚାମାଲ, ତିଆରି ସାମଗ୍ରୀକୁ ନିକଟ ସମୁଦ୍ରପଥ ପର୍ଯ୍ୟନ୍ତ ପହଞ୍ଚାଉଥିଲେ । ସେଠାରୁ ବ୍ରିଟିଶମାନେ ଜାହାଜ ଯୋଗେ ବ୍ୟବସାୟ କାରବାର କରୁଥିଲେ । ସେହିପରି କ୍ଷୀରୋଦ ମଲିକ, ଦେବାଶିଷ ପଣ୍ଡା, ପ୍ରବୀର ନାୟକ କହିଛନ୍ତି, ୧୮୬୩ ନଅଙ୍କ ଦୁର୍ଭିକ୍ଷ ପରେ ଇଂରେଜଙ୍କ ଦ୍ୱାରା ୧୮୭୦ରୁ ୧୮୭୫ ମଧ୍ୟରେ କଟକ ଜଗତପୁରଠାରୁ ପଟ୍ଟାମୁଣ୍ଡାଇ ଦେଇ ପଟ୍ଟାମୁଣ୍ଡାଇ କେନାଲ ଖୋଳାଯାଇଥିଲା । ପଟ୍ଟାମୁଣ୍ଡାଇ କେନାଲ ଖୋଳାଯିବା ଫଳରେ ଗୋବରୀ ନଦୀ ମୁହାଣ ଧୀରେ ଧୀରେ ପୋତିହେବାକୁ ଲାଗିଲା । ସମୟକ୍ରମେ ପାଣିର ଧାର ବନ୍ଦ ହୋଇ ସୁପ୍ତ ହୋଇଗଲା । ଯାହା ମନୁଷ୍ୟକୃତ ଥିଲା । କାରଣ ମୁହାଣ ଖୋଳା ଯାଇଥିଲେ ନଦୀ ମୃତ ଅବସ୍ଥାକୁ ଆସି ନ ଥାନ୍ତା । କାଳକ୍ରମେ ପଟ୍ଟାମୁଣ୍ଡାଇ ସହରରେ ଜବରଦଖଲ ଆରମ୍ଭ ହେଲା । ନଦୀଶଯ୍ୟାକୁ କେତେଜଣ ଲୋକ ନିଜ ନାଁରେ ପଟ୍ଟା କରି ନେବା ସହ କୋଠାବାଡ଼ି, ସ୍ଥାୟୀ ନିର୍ମାଣ ଆରମ୍ଭ କଲେ । ଏପରିକି କେତେକ ସରକାରୀ ପ୍ରତିଷ୍ଠାନ ମଧ୍ୟ ନଦୀ ଶଯ୍ୟାରେ ହୋଇଛି । ପରେ ନଦୀ ପୁନରୁଦ୍ଧାର ଲାଗି ସରକାର ଯୋଜନା କଲେ । ଦୀର୍ଘ ୧୬ କିଲୋମିଟର ନଦୀକୁ ପୁନରୁଦ୍ଧାର ପାଇଁ ଜଳସମ୍ପଦ ଡ୍ରେନେଜ୍ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ଦୁଇଟି ପର୍ଯ୍ୟାୟରେ ୧୧ କୋଟିରୁ ଅଧିକ ଖର୍ଚ୍ଚ କରାଗଲା । ମାତ୍ର ଗଣ୍ଡାକିଆ ପାଖରୁ ୬ କିମି ଖନନ କରି ୨ବର୍ଷ ହେବ କାମ ବନ୍ଦ କରି ଦିଆଯାଇଛି । ଫଳରେ ନଦୀ ମଧ୍ୟରେ ଦଳ ଭର୍ତ୍ତି ହେବା ସହ ମାଟି ଖସି ପୋତି ହେବାରେ ଲାଗିଛି । ପୁନରୁଦ୍ଧାରରେ କୋଟି କୋଟି ଟଙ୍କା ଖର୍ଚ୍ଚ ପରେ ବି ଲକ୍ଷ୍ୟ ପୂରଣ ହୋଇପାରିଲା ନାହିଁ । ଏ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏ ସମ୍ପର୍କରେ ଡ୍ରେନେଜ କଟ୍ ଯନ୍ତ୍ରୀ ନୀହାର ରଞ୍ଜନ ରାଉତରାୟଙ୍କୁ ପଚାରିବାରେ ପୋତା ଗୋବରୀ ନଦୀକୁ ଖନନ ପାଇଁ ଯୋଗ କରାଯାଇଛି । ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି ।

# ଚଡ଼କ ଯାତ୍ରାରେ ଶୈବ ସମ୍ପ୍ରଦାୟର ନୃତ୍ୟ, ସଙ୍ଗୀତ

- ପଶ୍ଚିମବଙ୍ଗ ସୁନ୍ଦରବନର ହରପାର୍ବତୀ, କୃଷ୍ଣଲୀଳା, ଶିବ ଗାୟନ
- ପଣା ସଂକ୍ରାନ୍ତିରେ ହେବ ଶେଷ

ମହାକାଳପଡ଼ା, ୧୧।୪ (ପ୍ରତାପ ଚନ୍ଦ୍ର ସ୍ୱାଇଁ)



ଚଡ଼କ ଯାତ୍ରା ଅବସରରେ ଶୈବ ସମ୍ପ୍ରଦାୟ ଦଳର ନୃତ୍ୟ, ସଙ୍ଗୀତ ପରିବେଷଣ ।

ମହାକାଳପଡ଼ା ବ୍ଲକ ବଉଳକଣି ପଞ୍ଚାୟତ ସ୍ଥାନୀୟ ଲୁଣାଘେରି ଗାଁରେ ବଙ୍ଗୀୟମାନଙ୍କ ଚଡ଼କ ଯାତ୍ରା ଅନୁଷ୍ଠିତ ହେଉଛି । ଚୈତ୍ର ମାସରେ ୧୦ ଦିନ ଧରି ଆରମ୍ଭ ହୋଇ ମହା ବିଷୁବ ସଂକ୍ରାନ୍ତିରେ ସମାପନ ହେବ ବୋଲି କହିଛନ୍ତି ସ୍ଥାନୀୟ ଲୋକମାନେ । ଏହି ଚଡ଼କ ଯାତ୍ରାରେ ସାମିଲ ହୋଇଛନ୍ତି ସୁଦୂର ପଶ୍ଚିମବଙ୍ଗ ସୁନ୍ଦରବନ ଅଞ୍ଚଳର ମଲାଖାଲି ଗ୍ରାମର ହରପାର୍ବତୀ, କୃଷ୍ଣଲୀଳା, ଶୈବ ସମ୍ପ୍ରଦାୟର ଷୋଳ ଜଣିଆ ନୃତ୍ୟ ସଙ୍ଗୀତ ପରିବେଷଣ ଦଳ । ଏହି ଶୈବ ସମ୍ପ୍ରଦାୟର ସଦସ୍ୟମାନେ ଶିବ, ପାର୍ବତୀ, ବାଲାଦାର ଆଦି ନୃତ୍ୟ ଶିଳ୍ପୀମାନେ ଶିବ ପାର୍ବତୀଙ୍କ ତାଣ୍ଡବ ଲୀଳା ଓ ନୃତ୍ୟ ନାଟିକା ମାଧ୍ୟମରେ ପରିବେଷଣ କରାଯାଇଥିଲା । ଏମାନେ ଚୈତ୍ର ମାସରେ ସମ୍ପୂର୍ଣ୍ଣ ନିଷ୍ଠାର ସହ ସାତ୍ତ୍ୱିକ ଭାବେ ପାଳନ କରି ଗାଁ ଗାଁ ବୁଲି ଚଡ଼କ ନୃତ୍ୟ ସଙ୍ଗୀତ ପରିବେଷଣ କରିଥାନ୍ତି । ପଣା ସଂକ୍ରାନ୍ତିରେ ପାରମ୍ପରିକ ଭାବେ ଏହି ଶୈବ ସମ୍ପ୍ରଦାୟର ସଦସ୍ୟମାନେ ଚଡ଼କ ଯାତ୍ରା ପରିବେଷଣ କରି ଲୁଣା ଘେରି ଗ୍ରାମ ମନ୍ଦିର ପରିସରରେ ସମାପନ ହେବାର କାର୍ଯ୍ୟକ୍ରମ ରହିଛି । ଏହି ନୃତ୍ୟ ସଙ୍ଗୀତ ପରିବେଷଣ ଦଳରେ ମନତୋଷ ମଣ୍ଡଳ, ପବିତ୍ର ମଣ୍ଡଳ, ବିଶ୍ୱଜିତ ମଣ୍ଡଳ, ଗୌରପଦ ମଣ୍ଡଳ, ହରେନ ମଣ୍ଡଳ, କୌଶିକ ମଣ୍ଡଳଙ୍କ ସମେତ ମହିଳା ନୃତ୍ୟ ଶିଳ୍ପୀ ସାମିଲ ହୋଇଥିଲେ । ଏହି ଶୈବ ସମ୍ପ୍ରଦାୟ ନୃତ୍ୟ ପରିବେଷଣ ଦଳ ୧୦ ଦିନ ଧରି ଅଞ୍ଚଳର ପିତାପାଟ, ରାମନଗର, ଆମ୍ବ ବେଲାରୀ, ଓଳପଦା, ବାଘୁଆମେଦ ଓ ପେଟଛେଲାର ପଡ଼ାକୁ ପଡ଼ା ଓ ସାହିକିସାହି ପରିକ୍ରମା କରି ନୃତ୍ୟ ସଙ୍ଗୀତ ପରିବେଷଣ କରିଥାନ୍ତି । ଏହାକୁ ଦେଖିବାକୁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥାଏ ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ରୁଦ୍ରାଂଶ

ଛତିଆ,୧୧।୪(ସୌମ୍ୟ ରଞ୍ଜନ ସାହୁ):

ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଛନ୍ତି ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ସୋଲର ଗ୍ରାମର ସଞ୍ଜୟ ବେହେରା ଓ ଝିମି ପାତ୍ରଙ୍କ ପୁଅ ରୁଦ୍ରାଂଶ । ୨ ବର୍ଷ ୫ ମାସର ଏହି ବିସ୍ମୟ କୁନି ପୁଅଙ୍କ ମୁଖରୁ ବାହାରୁଛି ଶ୍ଳୋକ । ଏଥିସହିତ ସେ ୨୧ ରାଷ୍ଟ୍ରୀୟ ଚିହ୍ନ, ୨୯ ବିପରୀତ ଶବ୍ଦ, ବର୍ଷକ କେତେ ମାସ, କେତେ ଦିନ, ୧୨ ରଙ୍ଗ, ୨୪ ଯାନବାହନ, ବିଭିନ୍ନ ଦେବଦେବୀଙ୍କ ନାମ, ୧୦ ପ୍ରତିମୂର୍ତ୍ତି, ୧୨ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ନାମ, ୨୫ ଶରୀରର ଅଙ୍ଗ, ୨୯ ପକ୍ଷୀ, ୩୫ ପଶୁଙ୍କ ନାମ ଓ ବିଭିନ୍ନ ବାଦ୍ୟଯନ୍ତ୍ରର ନାମ ନିର୍ଭୁଲ ଭାବେ କହିବା ସହ ଓଡ଼ିଆ, ହିନ୍ଦୀ ଓ ଇଂଲିଶ ବହିପଢ଼ି ପାରୁଛନ୍ତି । ଏହି ବିସ୍ମୟ ବାଳକ ଏଭଳି ସଫଳତା ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି । ତାଙ୍କ ପରିବାରରେ ଆନନ୍ଦର ଲହରି ଖେଳିଯାଇଛି । ଅଞ୍ଚଳବାସୀ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟକ କାମନା କରିଛନ୍ତି ।




ଇଣ୍ଡିଆ ବୁକ ଅଫ ରେକର୍ଡ –୨୦୨୪ ସହ ରୁଦ୍ରାଂଶ

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଗଗନ



@ ମୋନାଲିସା



@ ପୂଜା



@ ରତିକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ ।

# ଟାଟା ଷ୍ଟିଲ ୭ମ ଥର ଇସ୍ପାତ୍ ସ୍ଥାୟିତ୍ୱ ଚାମ୍ପିୟନ

ଯାଜପୁର,୧୧।୪(ହର୍ଷବର୍ଦ୍ଧନ ବେହେରା):




ଟାଟା ଷ୍ଟିଲ୍‌ର ବରିଷ୍ଠ ଅଧିକାରୀଙ୍କୁ ସଷ୍ଟେନେବିଲିଟି ଚାମ୍ପିୟନ ଫଳକ ପ୍ରଦାନ କରାଯାଉଛି ।

ବିକାଶ ଏବଂ ବିଶ୍ୱସ୍ତରୀୟ ମାନଦଣ୍ଡ ପାଳନ ତଥା ପ୍ରତିଶ୍ରୁତିବଦ୍ଧତା କାର୍ଯ୍ୟ ପାଇଁ ଟାଟା ଷ୍ଟିଲକୁ କ୍ରମାଗତ ସପ୍ତମ ବର୍ଷ ପାଇଁ ୱାର୍ଲଡ୍ ଷ୍ଟିଲ ପକ୍ଷରୁ ୨୦୨୪ ଷ୍ଟିଲ୍ ସଷ୍ଟେନେବିଲିଟି ଚାମ୍ପିୟନ ମାନ୍ୟତା ମିଳିଛି । ୨୦୧୮ରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବା ପରଠାରୁ ଟାଟା ଷ୍ଟିଲ ପ୍ରତିବର୍ଷ ଚାମ୍ପିୟାନ୍ ହୋଇଆସୁଛି । ବିଶ୍ୱସ୍ତରୀୟ ଇସ୍ପାତ୍ ଉତ୍ପାଦନକାରୀ ଭାବେ ଏହାର ନେତୃତ୍ୱ ବଜାୟ ରଖିବା ଉଦ୍ଦେଶ୍ୟରେ ଟାଟା ଷ୍ଟିଲର ପ୍ରୟାସକୁ ଏହି ପୁରସ୍କାର ସ୍ୱୀକୃତି ଦେଇଛି ଯାହା ଦୀର୍ଘସ୍ଥାୟିତ୍ୱ ନୀତି ପ୍ରତି ସମ୍ପୂର୍ଣ୍ଣ ସମର୍ପିତ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।

ସୂଚନା ଅନୁଯାୟୀ, ୧୧ଟି ଇସ୍ପାତ୍ ଉତ୍ପାଦନକାରୀ କମ୍ପାନୀ ମଧ୍ୟରେ ଟାଟା ଷ୍ଟିଲ ରହିଛି । ଯେଉଁମାନଙ୍କୁ ବୋର୍ଡ ଅଫ୍ ମେମ୍ବର୍ସର ଏପ୍ରିଲ ସ୍ପେଶାଲ ଜେନେରାଲ ମିଟିଂ (ଏସଜିଏମ)ରେ ୨୦୨୪ ଷ୍ଟିଲ ସଷ୍ଟେନେବିଲିଟି ଚାମ୍ପିୟାନ୍ ଭାବେ ମନୋନୀତ କରାଯାଇଛି । ଟାଟା ଷ୍ଟିଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପରିଚାଳନା ନିର୍ଦ୍ଦେଶକ ଟିଭି ନରେନ୍ଦ୍ରନ କହିଛନ୍ତି, ବିଶ୍ୱ ଇସ୍ପାତ୍ ସଂଘ ଦ୍ୱାରା ଇସ୍ପାତ୍ ସ୍ଥାୟିତ୍ୱ ଚାମ୍ପିୟାନ୍ ଭାବେ ପୁଣିଥରେ ସ୍ୱୀକୃତି ପାଇ ଗର୍ବ ଅନୁଭବ କରିଛନ୍ତି । ଏହି ସ୍ୱୀକୃତି ଟାଟା ଷ୍ଟିଲର ସମସ୍ତ ଦିଗରେ ଦୀର୍ଘ ସ୍ଥାୟିତ୍ୱ ପ୍ରତି ପ୍ରତିବଦ୍ଧତାକୁ ଦର୍ଶାଉଛି । ଇସ୍ପାତ୍ ଶିଳ୍ପ ଏବଂ ଏହା ବାହାରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ଉତ୍ସର୍ଗୀକୃତ ରହିଛୁ । କାରଣ ପରିବେଶ ପରିଚାଳନା, ସାମାଜିକ ଦାୟିତ୍ୱବୋଧ ଏବଂ ସୁଦୃଢ଼ ଶାସନ ଅଭ୍ୟାସକୁ ପ୍ରାଥମିକତା ଦେଉଛୁ । ସଷ୍ଟେନେବିଲିଟି ଚମ୍ପିୟାନ ଭାବେ ଯୋଗ୍ୟତା ଅର୍ଜନ କରିବା ପାଇଁ କମ୍ପାନିଗୁଡ଼ିକ କଠୋର ମାନଦଣ୍ଡ ପୂରଣ କରିବା ଆବଶ୍ୟକ । ଏଥିରେ ବିଶ୍ୱସ୍ତରୀୟ ସ୍ଥାୟିତ୍ୱ ଚାର୍ଟରେ ସ୍ୱାକ୍ଷର କରିବା ଏବଂ ପରିବେଶ ପରିଚାଳନା, ସାମାଜିକ ଦାୟିତ୍ୱବୋଧ ଏବଂ ପ୍ରଶାସନିକ ଉତ୍କର୍ଷତା ଉପରେ ଗୁରୁତ୍ୱ ଦେଉଥିବା ନୀତି ପ୍ରତି ପ୍ରତିବଦ୍ଧତା ଅନ୍ତର୍ଭୁକ୍ତ ରହିଛି । ଏହାପରେ ପଦାର୍ଥ ଦକ୍ଷତା, ପରିବେଶ ପରିଚାଳନା ପ୍ରଣାଳୀ, ଆଘାତ ପାଇଁ ସମୟ ନଷ୍ଟ ବାରମ୍ବାରତା ହାର, କର୍ମଚାରୀ ପ୍ରଶିକ୍ଷଣ, ନୂତନ ପ୍ରକ୍ରିୟା ଏବଂ ଉତ୍ପାଦରେ ପୁଞ୍ଜିନିବେଶ ଏବଂ ବିତରଣ ହୋଇଥିବା ଅର୍ଥନୈତିକ ମଲ୍ୟ ପରି ଦୀର୍ଘସ୍ଥାୟିତ୍ୱ ସୂଚକାଙ୍କ ଉପରେ ପ୍ରଦାନ କରାଯାଇଥିବା ତଥ୍ୟ ଆଧାରରେ ସେମାନଙ୍କ ମୂଲ୍ୟାଙ୍କନ କରାଯାଉଛି । ଟାଟା ଷ୍ଟିଲ ୱାର୍ଲଡ୍‌ଷ୍ଟିଲର କ୍ଲାଇମେଟ୍ ଆକ୍ସନ କାର୍ଯ୍ୟମରେ ଏକ ପ୍ରତିଷ୍ଠାତା ଅଂଶୀଦାର ଏବଂ ସେବେଠାରୁ ସ୍ୱୀକୃତିପ୍ରାପ୍ତ କ୍ଲାଇମେଟ୍ ଆକ୍ସନ ସଦସ୍ୟ ଭାବେ ସ୍ୱୀକୃତିପ୍ରାପ୍ତ । ଏହା ଜୀବନ ଚକ୍ର ଆକଳନ (ଏଲସିଏ)ରେ ଅଗ୍ରଣୀ ଦକ୍ଷତା ବିକଶିତ କରିଛି । ଟାଟା ଷ୍ଟିଲର ସିଡିପିରେ ବାର୍ଷିକ ଘୋଷଣାର ଏକ ଲମ୍ବା ତଥା ଅଖଣ୍ଡ ରେକର୍ଡ ରହିଛି । ୨୦୨୩ରେ ଏହାର ସଦ୍ୟତମ ପ୍ରକାଶ ଜଳବାୟୁ ପ୍ରକାଶନରେ ଏ– ରେଟିଂ ହାସଲ କରିଥିଲା ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି ।

# କାଟିଆ-ବୈଷପାନ ରାସ୍ତା କାମରେ ଅନିୟମିତତା

ଯାଜପୁର,୧୧।୪(ହର୍ଷବର୍ଦ୍ଧନ ବେହେରା):

- ଲାଗନି ସୂଚନା ଫଳକ, ପିସି କାରବାର ଅଣାୟତ୍ତ
- ପୁରୁଣା ପିଚୁ ନ ଖୋଳି ନୂଆ ପିଚୁ କାମ
- ତଦନ୍ତ ନ କରି ଘରେ ବସିଛନ୍ତି ପୂର୍ତ୍ତ ବିଭାଗ ଯନ୍ତ୍ରୀ

ନିର୍ବାଚନ ସମୟରେ ପୂର୍ତ୍ତ ବିଭାଗର ମନମୁଖୀ ଓ ନିମ୍ନମାନର ରାସ୍ତା ନିର୍ମାଣ ସଂପୃକ୍ତ ଅଞ୍ଚଳବାସୀଙ୍କୁ ଚିନ୍ତା କରିବାକୁ ବାଧ୍ୟ କରିଛି । ଏନେଇ ଅଞ୍ଚଳବାସୀ ଯେତେ ଅଭିଯୋଗ କଲେ ବି ଯାଜପୁର ଜିଲା ପାଣିକୋଇଲି ଆର୍ ଏଣ୍ଡ ବି (ପୂର୍ତ୍ତ) ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ରାସ୍ତା କାର୍ଯ୍ୟର ତଦନ୍ତ ନ କରି ଓଲଟା ଠିକାଦାରଙ୍କ ସହ ସଲାସୁତୁରା କରି ମାମଲାକୁ ରଫାଦଫା କରୁଥିବା ଅଭିଯୋଗ ହେଉଛି । ପୂର୍ବରୁ ୮ କୋଟି ଟଙ୍କାର ରାମ୍‌ବାଗଠାରୁ ଛତ୍ରପଡ଼ା ରାସ୍ତା କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ ହେବା ପରେ ଠିକାଦାର ବିଲ୍ ସ୍ଥଗିତ ରଖାଯାଇଛି । ଏବେ ପୁଣି ୩.୭୫ କୋଟି ଟଙ୍କାର ଦଶରଥପୁର ବ୍ଲକ ଅଧୀନ କାଟିଆଠାରୁ ବୈଷପାନ ଭାୟା ଅହିୟାସ ୩.୨ କି.ମି.ରାସ୍ତା କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ହୋଇଛି । ରାସ୍ତାର ପୁରୁଣା ପିଚୁକୁ ଖୋଳି ବାହାର ନ କରି ତା' ଉପରେ ପିଚୁ କାର୍ଯ୍ୟ ହେଉଛି । ବିନା ସୂଚନାଫଳକ ଓ ସରକାରୀ ଅଧିକାରୀଙ୍କ ଅନୁପସ୍ଥିତରେ ଉକ୍ତ ରାସ୍ତାର ପିଚୁ କାର୍ଯ୍ୟ ଚାଲୁଥିବାବେଳେ ଏହା ଅତ୍ୟନ୍ତ ନିମ୍ନମାନର ହେଉଥିବାର ଅଭିଯୋଗ ହେଉଛି । ପୂର୍ବରୁ ଏହି ରାସ୍ତା ୫.୫ ମିଟର ଚଉଡ଼ା ରହିଥିବା ବେଳେ ବର୍ତ୍ତମାନ ତାହା ୭ ମିଟର ରାସ୍ତାରେ ପରିଣତ କରାଯାଉଛି । ମାତ୍ର ଏହି ସମ୍ପ୍ରସାରଣ କାର୍ଯ୍ୟରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିବା ଦେଖାଯାଇଛି ।। ଏହି ରାସ୍ତା କାର୍ଯ୍ୟରେ ୭୫ ଏମ୍‌ଏମ୍ ମୋଟେଇର ପିଚୁ ବିଛା ଯିବାର ଏଷ୍ଟିମେଟ ରହିଥିବା ଜଣାପଡିଛି । କିନ୍ତୁ ଏଠାରେ ତା'ର ବ୍ୟତିକ୍ରମ କରଯାଇ କେଉଁଠି ୪୦ ତ' ଅନ୍ୟ କେଉଁଠି ୫୦ ଏମ୍‌ଏମ୍ ପିଚୁ ବିଛାଯାଉଥିବା ଦେଖିବାକୁ ମିଳିଛି । ବାକି ଅର୍ଥକୁ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ମିଳିମିଶି ଚଳୁ କରିବାର ମସୁଧା ଚଳାଇଥିବାର ଚର୍ଚ୍ଚା ହେଉଛି ।

ଏହା ବ୍ୟତୀତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଧୂଳି ଓ ମାଟିକୁ ଠିକ ଭାବେ ସଫା କରା ନ ଯାଇ ତାହା ଉପରେ ପିଚୁ ପକାଯାଇଥିବା ଦେଖାଯାଇଛି । ଧୂଳି ସଫା କରିବାକୁ ଆବଶ୍ୟକ ଯନ୍ତ୍ରପାତି ମଧ୍ୟ କାର୍ଯ୍ୟାସ୍ଥଳୀରେ ଦେଖିବାକୁ ମିଳୁ ନାହିଁ । ଫଳରେ ରାସ୍ତାର ସ୍ଥାୟୀତ୍ୱ ପ୍ରତି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କାର୍ଯ୍ୟାସ୍ଥଳରେ ସୂଚନା ଫଳକ ନ ଥିବାରୁ ଜନସାଧାରଣ କାର୍ଯ୍ୟ ସମ୍ପର୍କରେ ଅଜ୍ଞ ରହୁଛନ୍ତି । ପ୍ରକାଶ ଥାଉକି ବିଭାଗ ପକ୍ଷରୁ ଦଶରଥପୁର ସେକ୍ସନ ଅଧୀନରେ ବୈତରଣୀ ନଦୀ ବନ୍ଧ ସୁଦୃଢ଼ୀକରଣ ପାଇଁ ୮୨ କୋଟି, ରାମବାଗ – ଛତ୍ରପଡା ରାସ୍ତା ସୁଦୃଢ଼ୀକରଣ ପାଇଁ ୮ କୋଟି, ମଲ୍ଲିକାପୁର ଆଦର୍ଶ ବିଦ୍ୟାଳୟ ହଷ୍ଟେଲ ନିର୍ମାଣ ପାଇଁ ୪ କୋଟି ଟଙ୍କାର ପ୍ରକଳ୍ପକୁ ମିଶାଇ ପ୍ରାୟ ୧୦୦ କୋଟି ଟଙ୍କାର ରାସ୍ତା ନିର୍ମାଣ କାର୍ଯ୍ୟ ବିନା ସୂଚନା ଫଳକରେ ଚାଲିଛି । ଏଥିରୁ ପ୍ରକଳ୍ପଗୁଡିକରେ ବ୍ୟାପକ ପିସି ରାଜ୍ ଚାଲିଥିବା ସନ୍ଦେହ କରାଯାଇଛି ।

କାଟିଆ–ବୈଷପାନ ରାସ୍ତା ସମ୍ପର୍କରେ ବିଭଗୀୟ ଯନ୍ତ୍ରୀ ରମେଶ ମହାପାତ୍ରଙ୍କୁ ପଚାରିବାରୁ ସେ ଆଜି ଛୁଟିରେ ଅଛନ୍ତି । ଆଗାମୀ ଦିନରେ ତଦନ୍ତ କରାଯାଇ ଠିକାଦାରଙ୍କୁ ଏ ସମ୍ପର୍କରେ ତାଗିଦ କରାଯିବ ବୋଲି କହିଛନ୍ତି । ତେଣୁ ଏଭଳି ଅଭିଯୋଗ ସମ୍ପର୍କରେ ବିଭାଗ ପକ୍ଷରୁ ତଦନ୍ତ କରାଯିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଯାଜପୁର ଜିଲାପାଳଙ୍କ ନିକଟରେ ଦାବି ହୋଇଛି ।



କାଟିଆ–ବୈଷପାନ ରାସ୍ତା ନିର୍ମାଣ କାମ ଚାଲିଛି ।

# ଗାଁଠାରୁ ସହର ମହକିଲା ଛେନାପୋଡ଼ର ବାସ୍ନା






ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଛେନାପୋଡ଼ ଦିବସ ପାଳନ କରାଯାଉଛି।

■ ପାଳନ ହେଲା ୩ୟ ଛେନାପୋଡ଼ ଦିବସ

■ ଗୀତକୁ ମନେପକାଇ ଖାଇଲେ ଖୁଆଇଲେ

■ ଜିଆଇ ଟ୍ୟାଗ୍ ମାନ୍ୟତା ଦାବିକୁ କରାଗଲା ତ୍ୱରାନ୍ୱିତ

ନୟାଗଡ଼,୧୧।୪(ଲୋକନାଥ ମିଶ୍ର)

ବିଶ୍ୱ ଛେନାପୋଡ଼ ଦିବସକୁ ନୟାଗଡ଼ ଜିଲାର ଗାଁଠାରୁ ଆରମ୍ଭ କରି ସହର ସବୁଠାରେ ଧୁମଧାମରେ ପାଳନ କରାଯାଇଛି । ଛେନାପୋଡ଼ର ବାସ୍ନାରେ ନୟାଗଡ଼ ଜିଲା ଗୁରୁବାର ମହକି ଉଠିଛି । ଜିଲାର ସଦର ମହକୁମାରେ ପ୍ରାୟ ୧୦ କୁଇଣ୍ଟାଲ ଛେନାପୋଡ଼ କରାଯାଇ ଏହି ଦିବସକୁ ପାଳନ କରାଯାଇଛି । ଅନ୍ୟାନ୍ୟ ଅଞ୍ଚଳରେ ପ୍ରାୟ ୫ ଟନ୍ ଛେନାପୋଡ଼ ପ୍ରସ୍ତୁତ କରାଯାଇଥିବା ଖବର ମିଳିଛି । ପ୍ରାୟ ୩ ବର୍ଷ ହେଲା ଏହି ଦିବସ ପାଳନ କରାଯାଇଛି ।

ଅନନ୍ୟା ଫାଉଣ୍ଡେଶନ ପକ୍ଷରୁ ନୟାଗଡ଼ ସହର ସମର୍ପଣ ବୃଦ୍ଧାଶ୍ରମରେ ଛେନାପୋଡ଼ କାଟି ଏହି ଦିବସ ପାଳନ କରାଯାଇଛି । ୧କେଜିରୁ ଆରମ୍ଭ କରି ୩୦ କେଜି ପର୍ଯ୍ୟନ୍ତ ଛେନାପୋଡ଼ ଗୁରୁବାର କଟାଯିବା ସହିତ ବଣ୍ଟନ କରାଯାଇଛି । ଡାଇବେଟିସ୍ ରୋଗୀଙ୍କ ପାଇଁ ଗୁଡ଼ରେ ଛେନାପୋଡ଼ ପ୍ରସ୍ତୁତ କରାଯାଇ ବଣ୍ଟନ କରାଯାଇଛି । ଛେନାପୋଡ଼ ଦିବସରେ ଛେନାପୋଡ଼ର ଜିଆଇ ଟ୍ୟାଗ୍ ମାନ୍ୟତାକୁ ତ୍ୱରାନ୍ୱିତ କରାଯାଇଛି । ନୟାଗଡ଼ ବୃଦ୍ଧାଶ୍ରମ ସମର୍ପଣରେ ଅନ୍ତେବାସୀମାନେ ଖାଇ ଖୁଆଇ ଏହି ଦିବସର ମଜା ନେଇଥିଲେ । ଅନ୍ୟପକ୍ଷେ ନୟାଗଡ଼ ଉପକଣ୍ଠ ହାଉସିଂ ବୋର୍ଡ କଲୋନୀ ନିକଟସ୍ଥ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ପରିସରରେ ହଷ୍ଟେଲ ଛାତ୍ରୀଛାତ୍ରଙ୍କ ଗହଣରେ ଛେନାପୋଡ଼ ଦିବସ ପାଳନ ହୋଇଛି । ବିଦ୍ୟାଳୟର ସମ୍ପାଦକ ଶ୍ରୀଧର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟକ୍ଷା ପ୍ରିୟମ୍ବଦା ମହାପାତ୍ରଙ୍କ ସମେତ ଗୁରୁମା ଗୁରୁଜୀ ଯୋଗ ଦେଇଥିଲେ । ଦର୍ପଣ ପବ୍ଲିକେଶନ ପକ୍ଷର ପରିଚାଳକ ହରିଶ ପ୍ରଧାନଙ୍କ ପୌରୋହିତ୍ୟରେ ଛେନାପୋଡ଼ ଦିବସ ପାଳିତ ହୋଇଛି । ଏଥିରେ ଶିକ୍ଷାବିତ୍ ଗେଦାବରୀଶ ମିଶ୍ର, ନାଟ୍ୟକାର ବିଶ୍ୱନାଥ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ନୟାଗଡ଼ ବାର ଆସୋସିଏଶନ ପକ୍ଷରୁ ଜିଲା ଜଜ ଆନନ୍ଦ ଚନ୍ଦ୍ର ମହାରଣା ଓ ବରିଷ୍ଠ ଆଇନଜିବୀ ଦଣ୍ଡପାଣି ନାୟକ ଛେନାପୋଡ଼ କାଟି ଦିବସକୁ ପାଳିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାର ଆସୋସିଏଶନ ସଭାପତି ବୃନ୍ଦାବନ ପଣ୍ଡା, ସମ୍ପାଦକ ସ୍ୱଦେଶ ମିଶ୍ର, କୋଷାଧ୍ୟକ୍ଷ ପ୍ରଣବ ବିଶୋଇଙ୍କ ସମେତ ଆଇନଜିବୀ ଉପସ୍ଥିତ ରହିଥିଲେ । ସେହିପରି ନୟାଗଡ଼ ପୌର ପରିଷଦର ୧୧ନଂ. ୱାର୍ଡ ଯୁବକ ଟିମ୍ ପକ୍ଷରୁ ଏହି ଉତ୍ସବ ପାଳନ କରାଯାଇଛି । ସନ୍ଧ୍ୟାରେ ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ କଚେରୀ ବଜାରର ପୁରୁଣା ଦୁର୍ଗାପୂଜା ମଣ୍ଡପରେ ୧୭ କେଜି ଛେନାପୋଡ଼ କାଟି ଏହି ଦିବସ ପାଳନ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇଥିଲେ । ତେବେ ଛେନାପୋଡ଼କୁ କାଟି ନ ଥିଲେ । ଅନ୍ୟପକ୍ଷେ ଏଠାରେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟନାୟକ, ନୟାଗଡ଼ ମ୍ୟୁନିସିପାଲିଟିର ଅଧ୍ୟକ୍ଷ ନିରୁପମା ଖଟେଇ ଓ ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା ଯୋଗ ଦେଇ ଛେନାପୋଡ଼ କାଟିଥିଲେ ।

## ଶ୍ରେୟ ନେବା ପାଇଁ ଲଢ଼େଇ

ଛେନାପୋଡ଼ ନୟାଗଡ଼ ନା ଦଶପଲ୍ଲାର। ଛେନାପୋଡ଼ ଦିବସ ପାଳନ ହେବା ପରେ ଏଭଳି ଦାବି ଉଠିଛି। ଛେନାପୋଡ଼ର ସ୍ରଷ୍ଟା ପାଇଁ ନୟାଗଡ଼ ଜିଲା ଦଶପଲ୍ଲା ସାତପାଟଣା ଗ୍ରାମର ସୁଦର୍ଶନ ସାହୁ ଓ ବାପା ବିଦ୍ୟାଧର ସାହୁଙ୍କ ନାମ ଚର୍ଚ୍ଚାକୁ ଆସିଛି। ପ୍ରଥମେ ସୁଦର୍ଶନ ଛେନାପୋଡ଼ର ସ୍ରଷ୍ଟା କୁହାଯାଉଥିଲା। ସୁଦର୍ଶନଙ୍କ ଜନ୍ମ ଦିବସ ଏପ୍ରିଲ ୧୧ରେ ଛେନାପୋଡ଼ ଦିବସ ପାଳନ କରାଯାଉଛି। ଏଭଳିସ୍ଥଳେ ଛେନାପୋଡ଼ର ସ୍ରଷ୍ଟା ଭାବେ ବାପା ବିଦ୍ୟାଧର ହକଦାର ବୋଲି ଦାବି କରାଗଲାଣି। ସ୍ଥିତି ଏଭଳି ହେଲାଣି ପରିବାରର ବିବାଦ ଛେନାପୋଡ଼ର ଜିଆଇ ଟ୍ୟାଗର ମାନ୍ୟତାରେ ବାଧକ ସୃଷ୍ଟି କରିପାରେ ବୋଲି ମତ ପ୍ରକାଶ ପାଇଛି। ବାପ ଓ ପୁଅ ଉଭୟେ ଜୀବଦଶାରେ ନ ଥିବାବେଳେ ସତ୍ୟ କ'ଣ ଜାଣିବା ମୁସ୍କିଲ। ତେବେ ଛେନାପୋଡ଼ର ସ୍ରଷ୍ଟା ପାଇଁ ଗୋଟିଏ ପରିବାରର ବାପ ଓ ପୁଅ ମଧ୍ୟରେ ଲଢ଼େଇକୁ ନେଇ ଜିଲାବାସୀ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ସରକାରୀସ୍ତରରେ ପାଳନ ହେଲା ନାହିଁ

ସରକାରୀସ୍ତରରେ ଛେନାପୋଡ଼ ଦିବସ ଗୁରୁବାର ପାଳନ କରାଯାଇ ନାହିଁ। ୨୦୨୪ ବର୍ଷ ନିର୍ବାଚନ ବର୍ଷ ହୋଇଥିବାରୁ ପାଳନ କରାଯାଇ ନ ଥିବା କୁହାଯାଉଛି। ହେଲେ ଜିଲା ପ୍ରଶାସନ ପକ୍ଷରୁ ସେପରି କିଛି ସୂଚନା ନାହିଁ। ୨୦୨୩ ବର୍ଷରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ତତ୍କାଳୀନ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଛେନାପୋଡ଼ କାଟି ବିଶ୍ୱ ଛେନାପୋଡ଼ ଦିବସ ପାଳନ କରଥିଲେ। ନିର୍ଦ୍ଧାରିତ ସମୟରେ କାର୍ଯ୍ୟକ୍ରମ ହୋଇଥିଲା। ଗୋଟିଏ ସ୍ଥାନରେ ୩୫ କେଜି ଛେନାପୋଡ଼ ରଖି ଉତ୍ସବ ପାଳନ କରାଯାଇଥିଲା। ଅନ୍ୟପକ୍ଷେ ଜିଲାପାଳଙ୍କ କାର୍ଯ୍ୟାଳୟ ସହ ଜିଲାର ସବୁ ସରକାରୀ କାର୍ଯ୍ୟାଳୟରେ ଏପ୍ରିଲ ୧୧ ପୂର୍ବାହ୍ନ ୧୧ଟା ସମୟରେ ବିଶ୍ୱ ଛେନାପୋଡ଼ ଦିବସ ପାଳିତ ହୋଇଥିଲା।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଗଗନ



@ ମୋନାଲିସା



@ ପୂଜା



@ ରତିକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୟାଗଡ଼ ଜିଲାସ୍ତରୀୟ ଶୈକ୍ଷିକ କର୍ମଶାଳା



କର୍ମଶାଳାରେ ଯୋଗଦେଇଥିବା ଅତିଥି।

ନୟାଗଡ଼,୧୧।୪(ଲୋକନାଥ ମିଶ୍ର)

ନୟାଗଡ଼ ହାଉସିଂ ବୋର୍ଡ ନିକଟସ୍ଥ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରରେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ନୟାଗଡ଼ ଜିଲାସ୍ତରୀୟ ଶୈକ୍ଷିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲା ପ୍ରମୁଖ ଶ୍ରୀଧର ସାହୁଙ୍କ ସଭାପତିତ୍ୱରେ ଏହି କର୍ମଶାଳା ଆରମ୍ଭ ହୋଇଥିଲା। ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ମହାସଚିବ ଡାକ୍ତର କରୁଣାକର ପ୍ରଧାନ ଯୋଗ ଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଛେନାପୋଡ଼ କାଟି ଓ ବାଣ୍ଟି ବିଶ୍ୱ ଛେନାପୋଡ଼ ଦିବସ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସଂସ୍ଥାନର ବରିଷ୍ଠ କାର୍ଯ୍ୟକର୍ତ୍ତା ଆଲୋକ ପ୍ରଭା ମହାନ୍ତି, ଗୌରାଙ୍ଗ ଚରଣ ପ୍ରଧାନ ଓ କୁରୁକ୍ଷେତ୍ର ଧାଙ୍ଗଣା ମାଝି ଯୋଗଦେଇ ବିଦ୍ୟାଳୟର ଶୈକ୍ଷିକ ବ୍ୟବସ୍ଥା କିପରି ଶୃଙ୍ଖଳିତ ହେବ, ଶିଶୁମାନଙ୍କ ନୈତିକ, ବୌଦ୍ଧିକ, ଶାରୀରିକ ଓ ମାନସିକ ବିକାଶ ଦିଗରେ ପରାମର୍ଶ ଦେଇଥିଲେ। କର୍ମଶାଳାରେ ଜିଲାର ପ୍ରତି ବ୍ଲକ୍‌ରୁ ୧୭ ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଆଗାମୀ ୨୦୨୪ -୨୫ ଶିକ୍ଷା ବର୍ଷ ପାଇଁ ବାର୍ଷିକ ଯୋଜନା ପ୍ରସ୍ତୁତି କରାଯାଇଥିଲା। ବିଦ୍ୟାଳୟର ସମ୍ପାଦକ ଓ ପ୍ରଧାନ ଆଚାର୍ଯ୍ୟମାନେ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସହ-ପ୍ରମୁଖ କାମରାଜ ବରାଡ, ଜିଲା ସହ-ସଂଯୋଜକ ଅବିନାଶ ସାହୁ, କାର୍ଯ୍ୟକର୍ତ୍ତା ମନୋଜ କୁମାର ମହାପାତ୍ର,ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ଼ର ପ୍ରଧାନ ଆଚାର୍ଯ୍ୟା ପ୍ରିୟମ୍ବଦା ମହାପାତ୍ର ସହଯୋଗ କରିଥିଲେ। ସଂସ୍ଥାନର ନୟାଗଡ଼ ଜିଲା ସଂଯୋଜକ ମନୋରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଛେନାପୋଡ଼ ଦିବସ ପାଳିତ

ଖଣ୍ଡପଡ଼ା,୧୧।୪

(ଅଜୟ କୁମାର ମହାରଣା)

ଏପ୍ରିଲ ୧୧କୁ ଛେନାପୋଡ଼ ଦିବସ ଭାବେ ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ଏହି ଅବସରରେ ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରେ ସମ୍ପାଦକ ଭବାନୀ ଶଙ୍କର ସିଂହସାମନ୍ତଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ସଦସ୍ୟମାନେ ଛେନାପୋଡ଼ କାଟି ଦିବସ ପାଳନ କରିଥିଲେ। କାର୍ଯ୍ୟକ୍ରମରେ ସଂଘର ସଭାପତି ବିନାୟକ ମିଶ୍ର, ଶାନ୍ତି ଶେଖର ରଥ, ମନୋରଞ୍ଜନ ରଥ, ଭବାନୀ ଶଙ୍କର ମହାନ୍ତି, ସତ୍ୟ ନାରାୟଣ ସୁର ଜଗଦେବ, ବିରଞ୍ଚି କୁମାର ନାୟକ, ରମାକାନ୍ତ ମିଶ୍ର, ସରୋଜ ଚୌଧୁରୀ, ରବିନ୍ଦ୍ର ବେହେରା, ଶ୍ରୀକାନ୍ତ ରାଉତ, ବିଭୂତି ମହାପାତ୍ର, ସଂଗ୍ରାମ କେଶରୀ ଦେଓ, ଜ୍ୟୋତି ରଞ୍ଜନ ମହାରଣା, ଶିବ ନାରାୟଣ ଦାସ, ମାନସ କୁମାର ସେଠୀ ପ୍ରମୁଖ ବହୁ ଖବରଦାତା ଉପସ୍ଥିତ ଥିଲେ।

## ଦଶପଲ୍ଲାରେ ଛେନାପୋଡ଼ ଦିବସ

ଦଶପଲ୍ଲା,୧୧।୪(ପ୍ରକାଶ କୁମାର ପାଣି)

ଗୁରୁବାର ଦଶପଲ୍ଲାରେ ଛେନାପୋଡ଼ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏହାର ଜନ୍ମସ୍ଥଳି ସାତପାଟଣାର ଜଗିପାଟଣାଠାରେ ରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଏକ ଉତ୍ସବର ଆୟୋଜନ କରାଯାଇଥିଲା । ସେହିପରି ବୁଧବାର ଦଶପଲ୍ଲା ମୋହରିଖୋନାଠାରେ ଅପରାହ୍ନରେ ଦଶପଲ୍ଲା ଉନ୍ନୟନ ପରିଷଦତରଫରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଉକ୍ତ ସମ୍ମିଳନୀରେ ନୟାଗଡ଼ ଛେନା ପୋଡ଼କୁ ସରକାରୀସ୍ତରରେ ମାନ୍ୟତାପ୍ରାପ୍ତ ହୋଇଛି ବୋଲି କହୁଥିବା ବେଳେ ଏବଂ ଛେନାପୋଡ଼ର ସ୍ରଷ୍ଟା ସୁଦର୍ଶନ ସାହୁ ବୋଲି ସରକାର ଓ କେତେକ ବ୍ୟକ୍ତି ଦାବି ଉପସ୍ଥାପନ କରିଛନ୍ତି। କିନ୍ତୁ ପ୍ରକୃତରେ ଛେନାପୋଡ଼ର ସ୍ରଷ୍ଟା ହେଉଛନ୍ତି ସ୍ୱର୍ଗତ ବିଦ୍ୟାଧର ସାହୁ,ଗ୍ରାମ -ଜଗିପାଟଣା, ଦଶପଲ୍ଲା । ବିଦ୍ୟାଧର ସୁଦର୍ଶନ ସାହୁଙ୍କ ବାପା । ଦଶପଲ୍ଲାର ଛେନାପୋଡ଼ ବିଦ୍ୟାଧର ତିଆରି କରି ମଧ୍ୟମ ପୁତ୍ର ସୁଦର୍ଶନଙ୍କ ସହିତ ଛେନାପୋଡ଼ ବିକ୍ରି କରିବା ପାଇଁ ନୟାଗଡ଼କୁ ପଠାଉଥିଲେ। ସେଠାରେ ସୁଦର୍ଶନ କିଛି ବର୍ଷ ବ୍ୟବସାୟ କଲାପରେ ନୟାଗଡ଼ରେ ସ୍ଥାୟୀ ବାସିନ୍ଦା ଭାବେ ରହିଲେ। ଛେନାପୋଡ଼ର ସ୍ରଷ୍ଟା ବିଦ୍ୟାଧରଙ୍କ ନାମ ପରିବର୍ତ୍ତିତ କରି ସୁଦର୍ଶନ ସାହୁ ଛେନାପୋଡ଼ର ସ୍ରଷ୍ଟା ଭାବେ ଗ୍ରହଣ କରାଯାଇଛି। ଏହି ମନ୍ଦ ଚିନ୍ତାଧାରାକୁ ଦଶପଲ୍ଲାର ଉନ୍ନୟନ ପରିଷଦ ନିନ୍ଦା କରିବା ସହିତ ନୟାଗଡ଼ ଜିଲାପାଳ ଓ ରାଜ୍ୟ ସରକାରଙ୍କୁ ଅନୁରୋଧ କରି ନିଜର ଦାବି ଉପସ୍ଥାପନା କରିଛନ୍ତି । ନୟାଗଡ଼ ଛେନାପୋଡ଼ ନୁହେଁ ଏହା ହେଉଛି ଦଶପଲ୍ଲାର ଛେନାପୋଡ଼ ଏବଂ ସୁଦର୍ଶନ ସାହୁ ଏହାର ସ୍ରଷ୍ଟା ନୁହଁନ୍ତି । ଏହାର ପ୍ରକୃତ ସ୍ରଷ୍ଟା ହେଉଛନ୍ତି ସ୍ୱର୍ଗତ ବିଦ୍ୟାଧର ସାହୁ ବୋଲି କର୍ମକର୍ତ୍ତାମାନେ ମତ ପ୍ରକାଶ କରିଛନ୍ତି।

## ଶାଳକଙ୍କ ଆକ୍ରମଣରେ ଭିଣୋଇ ମୃତ

ନୟାଗଡ଼,୧୧।୪(ଲୋକନାଥ ମିଶ୍ର)

ନୟାଗଡ଼ ସଦର ଥାନାର ରାଉତରାପୁର ଗାଁରେ ସମ୍ପର୍କୀୟ ଶାଳକଙ୍କ ଆକ୍ରମଣରେ ଭିଣୋଇ ଲକ୍ଷ୍ମୀଧର ସେନାପତି(୬୦)ଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସମ୍ପତ୍ତିକୁନେଇ ଶାଳକ ଓ ଭିଣୋଇ ଭଉଣୀଙ୍କ ମଧ୍ୟରେ ପ୍ରାୟ ୫ ବର୍ଷ ହେଲା ବିବାଦ ଲାଗି ରହିଥିଲା। ଗୁରୁବାର ଅପରାହ୍ନରେ ଶାଳକ ଓ ଭିଣୋଇଙ୍କ ମଧ୍ୟରେ ଗାଁ ଦାଣ୍ଡରେ ବିବାଦ ହୋଇଥିଲା। ବିବାଦ ଓ ଆକ୍ରମଣରେ ଭିଣୋଇ ଲକ୍ଷ୍ମୀଧର ଗୁରୁତର ହୋଇଥିଲେ। ଲକ୍ଷ୍ମୀଧରଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଲକ୍ଷ୍ମୀଧରଙ୍କୁ ମୃତ ଘୋଷଣା କରିଥିଲେ। ସଦର ଥାନା ଆଇଆଇସି ଅନିତା ସାହୁଙ୍କୁ ଯୋଗାଯୋଗ କରିବାରୁ ଫୋନ ଉଠାଇ ନ ଥିଲେ।

## ପୁଣି ଚୋରାବନ୍ଧୁକ ଜବତ, ଜଣେ ଗିରଫ

ଦଶପଲ୍ଲା,୧୧।୪(ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକର ବାଣୀଗୋଛା ଥାନା ପୋଲିସ ବୁଧବାର ରାତିରେ ଗୋଟିଏ ଦେଶୀ ବନ୍ଧୁକ ଜବତ କରିଛି । ଏହି ଘଟଣାରେ ବଡ଼ମୁଣ୍ଡୁଳା ଗ୍ରାମର ନରୋତ୍ତମ ପ୍ରଧାନଙ୍କୁ ଗିରଫ କରାଯାଇଛି । ବିଶେଷ ସୁତ୍ରରୁ ଖବର ପାଇ ବୁଧବାର ରାତିରେ ବାଣୀଗୋଛା ଥାନା ଅଧିକାରୀ ଲକ୍ଷଣ ଦଣ୍ଡସେନା ନରୋତ୍ତମଙ୍କ ଘରେ ଚଢ଼ାଉ କରି ଚୋରା ବନ୍ଧୁକ ଜବତ କରିବା ସହିତ ଏକ ମାମଲା(ନଂ.୪୯/୨୦୨୪)ରୁଜୁ କରିଛନ୍ତି । ଗୁରୁବାର ଅଭିଯୁକ୍ତଙ୍କୁ ଦଶପଲ୍ଲା କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି। ଉକ୍ତ ଅଞ୍ଚଳରୁ ଗତ ୩ ମାସ ମଧ୍ୟରେ ପୋଲିସ ପ୍ରାୟ ୯ଟି ବନ୍ଧୁକ ଜବତ କରିସାରିଛି ।

# ଶ୍ରୀନୀଳମାଧବଙ୍କ ଚନ୍ଦନଯାତ୍ରା ପାଇଁ ପ୍ରସ୍ତୁତି

ଖଣ୍ଡପଡ଼ା,୧୧।୪

(ଅଜୟ କୁମାର ମହାରଣା)

### ଚାପ ଡଙ୍ଗା ନନ୍ଦା,ଭଦ୍ରାଙ୍କ ନିର୍ମାଣ ସରିଲା

ରାଜ୍ୟର ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ନୀଳମାଧବ ଜୀଉଙ୍କ ଚନ୍ଦନ ଚାପ ପାଇଁ ନନ୍ଦା ଓ ଭଦ୍ରା ନାମକ ଡଙ୍ଗା ପ୍ରସ୍ତୁତ ଶେଷ ହୋଇ ଯାଇଛି। ଏଥି ସହିତ ଏକ ସହାୟକ ଛୋଟ ଡଙ୍ଗାରେ ନିର୍ମାଣ କାର୍ଯ୍ୟ ମଧ ଶେଷ ହୋଇଛି।

ସୂଚନାଯୋଗ୍ୟ, ଗତ ଫେବୃଆରୀ ୧ରେ ତତ୍କାଳୀନ ପୂଜକ ସମାଜ ସଭାପତି ସଚ୍ଚିଦାନନ୍ଦ ମିଶ୍ର ଓ ସମ୍ପାଦକ ନୀଳମାଧବ ମିଶ୍ରଙ୍କ ଉଦ୍ୟମରେ ଖଣ୍ଡପଡ଼ା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଧୋବେଇ ନାୟକଙ୍କ ତତ୍ତ୍ୱାବଧାନରେ ଉପରୋକ୍ତ ଚାପ ଡଙ୍ଗାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ବହୁ ବର୍ଷ ହେଲା ଶ୍ରୀଜୀଉଙ୍କ ନିଜସ୍ୱ ଚାପ ଡଙ୍ଗା ନଷ୍ଟ ହୋଇ ଯାଇ ଥିବାରୁ ଅନ୍ୟ ଠାରୁ ଡଙ୍ଗା ଭଡ଼ାରେ ଆଣି ଠାକୁରଙ୍କ ନୀତି ପାଳନ କରାଯାଇ ଆସୁଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଡଙ୍ଗା ନ ମିଳିବାରୁ ନୟାଗଡ଼ ବନ ବିଭାଗ ଓ ଜିଲା ପ୍ରଶାସନ ସହାୟତାରେ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଆସନ୍ତା ମେ'୧୦ ତାରିଖ ଅକ୍ଷୟ ତୃତୀୟାଠାରୁ ଶ୍ରୀ ନୀଳମାଧବଙ୍କ ପାରମ୍ପରିକ ଚନ୍ଦନ ଯାତ୍ରା ୨୧ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଇତିମଧ୍ୟରେ ଶ୍ରୀଜୀଉଙ୍କ ଚନ୍ଦନ ପୋଖରୀ ନବୀକରଣ ହୋଇଥିବାରୁ ନୂଆ ପୋଖରୀ ଓ ନୂଆ ଡଙ୍ଗାରେ ପ୍ରଭୁ ମଦନମୋହନ, ଲକ୍ଷ୍ମୀ ସରସ୍ୱତୀ ଓ ଶିବ ପାର୍ବତୀଙ୍କ ସହିତ ଚାପ ଡଙ୍ଗାରେ ବିଜେ ହେବେ। ତେଣୁ ଚନ୍ଦନ ପୋଖରୀ ଚାରିପାଖ ରାସ୍ତା ନିର୍ମାଣ ସହିତ ଅନ୍ୟାନ୍ୟ ବିକାଶ କାର୍ଯ୍ୟ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ କରିବା ପାଇଁ ସାଧାରଣରେ ଦାବି ହେଉଛି।

# କଂଗ୍ରେସ ପ୍ରାର୍ଥୀଙ୍କ ନାମ ଘୋଷଣା ହେଲାନି

ରଣପୁର,୧୧।୪(ସୁକାନ୍ତ କିଶୋର ଡାକୁଆ)

**ରଣପୁର ବିଧାନସଭା ନିର୍ବାଚନମଣ୍ଡଳୀ**

■ ବିଜେଡି, ଭାଜପା ପ୍ରାର୍ଥୀଙ୍କ ପ୍ରଚାର ଜମୁଛି

■ ପୂର୍ବ ଗୌରବ ଫେରିପାଇବାକୁ କଂଗ୍ରେସ ନେତାଙ୍କ ଉଦ୍ୟମ



ସତ୍ୟନାରାୟଣ ପ୍ରଧାନ



ତାପସ ରଞ୍ଜନ ମାର୍ଥା



ସତ୍ୟବ୍ରତ ନାୟକ



ବିଭୁ ପ୍ରସାଦ ମିଶ୍ର

ମେ'୨୫ରେ ନୟାଗଡ଼ ଜିଲା ରଣପୁର ବିଧାନସଭା ସହିତ ପୁରୀ ଲୋକସଭା ଆସନ ପାଇଁ ଭୋଟ ଗ୍ରହଣ ହେବ। ଏଥିପାଇଁ ନାମାଙ୍କନ ପତ୍ର ଦାଖଲ ଆଉ ୧୭ ଦିନ ବାକି ଅଛି। ଆସନ୍ତା ୨୯ରେ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହୋଇ ମେ' ୬ରେ ଶେଷ ହେବ। ହେଲେ ରଣପୁର ନିର୍ବାଚନ ମଣ୍ଡଳୀରେ ପ୍ରମୁଖ ୩ ଦଳ ବିଜେଡି,ଭାଜପା,କଂଗ୍ରେସ ମଧ୍ୟରେ କଡ଼ା ମୁକାବିଲା ହେବ ବୋଲି ସୂଚନା ମିଳିଛି। ତେବେ ଭାଜପା ଓ ବିଜେଡି ତରଫରୁ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇସାରିଛି। ହେଲେ ଆଜି ପର୍ଯ୍ୟନ୍ତ କଂଗ୍ରେସ ପକ୍ଷରୁ କାହାରିକୁ ପ୍ରାର୍ଥୀ କରାଯିବ ଘୋଷଣା କରାଯାଇନାହିଁ। ଅପରପକ୍ଷେ ଭାଜପା ପ୍ରାର୍ଥୀ ତାପସ ରଞ୍ଜନ ମାର୍ଥା ଓ ବିଜେଡି ପ୍ରାର୍ଥୀ ସତ୍ୟ ନାରାୟଣ ପ୍ରଧାନ ନିଜ ପ୍ରଚାରକୁ ଜୋରଦାର କରିଛନ୍ତି। ପ୍ରାର୍ଥୀମାନେ ନିଜ ସମର୍ଥକମାନଙ୍କ ସହିତ ଘରକୁ ଘର ବୁଲି ନିଜ ସରକାରଙ୍କ ଜନହିତକର କାର୍ଯ୍ୟ ସମ୍ପର୍କରେ ଅବଗତ କରୁଛନ୍ତି। ଏଥିସହିତ ଆସନ୍ତା ନିର୍ବାଚନ ପାଇଁ ଆଶୀର୍ବାଦ କାମନା କରିଛନ୍ତି।

ଦିନଥିଲା ରଣପୁରଗଡ଼କୁ କଂଗ୍ରେସର ଗଡ଼ କୁହାଯାଉଥିଲା। ୨୦୦୪ରୁ ରଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ କୌଣସି କଂଗ୍ରେସ ପ୍ରାର୍ଥୀ ବିଜୟର ସ୍ୱାଦ ଚାଖିନାହାନ୍ତି। ୨୦୦୪ରେ ଭାଜପା-ବିଜେଡି ମେଣ୍ଟ ପ୍ରାର୍ଥୀ ଭାବେ ଭାଜପାର ସୁରମା ପାଢ଼ୀ ବିଜୟୀ ହୋଇ ସମବାୟ ମନ୍ତ୍ରୀ ହୋଇଥିଲେ। ୨୦୦୯ରୁ ବିଜେଡି ହାତରେ ଏହି ନିର୍ବାଚନ ମଣ୍ଡଳୀ ରହିଛି। ଚଳିତ ନିର୍ବାଚନ ଲାଗି ତାରିଖ ଘୋଷଣା ପରେ ମଧ୍ୟ କଂଗ୍ରେସ କୌଣସି ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ଥିବାରୁ ଦଳୀୟ କର୍ମୀମାନେ ଦ୍ୱନ୍ଦ୍ୱରେ ପଡିଛନ୍ତି। ୨୦୦୯ରେ ବିଜେଡି ପ୍ରାର୍ଥୀ ସତ୍ୟନାରାୟଣ ପ୍ରଧାନ ୫୪୬୪୩ଖଣ୍ଡ ଭୋଟ ପାଇଥିଲା ବେଳେ ଭାଜପା ପ୍ରାର୍ଥୀ ସୁରମା ପାଢ଼ୀ ୩୩୦୪୨ ଖଣ୍ଡ ଭୋଟ ଓ କଂଗ୍ରେସର ରମାକାନ୍ତ ମିଶ୍ର ୨୫୮୯୮ ଖଣ୍ଡ ଭୋଟ ପାଇଥିଲେ। ସେତେବେଳେ ଶାସକ ଦଳର ପ୍ରାର୍ଥୀ ପ୍ରଧାନ ୨୧୬୦୧ଖଣ୍ଡ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଥିଲେ। ହେଲେ ୨୦୧୪ ନିର୍ବାଚନରେ ରଣପୁର ରାଜନୈତିକ ଚିତ୍ର ବଦଳି ଯାଇଥିଲା। ବିଧାୟକ ସତ୍ୟ ନାରାୟଣ ପ୍ରଧାନଙ୍କୁ ବାଦ୍ ଦେଇ ରାଜ୍ୟସଭା ସଦସ୍ୟ ଥିବା ରବିନାରାୟଣ ମହାପାତ୍ରଙ୍କୁ ରଣପୁର ବିଧାନସଭା ପାଇଁ ବିଧାୟକ ଟିକେଟ୍ ମିଳିଥିଲା। ମହାପାତ୍ର ୬୦୬୦୪ଖଣ୍ଡ ଭୋଟ ପାଇଥିଲା ବେଳେ ସୁରମା ପାଢ଼ୀ ୪୪୨୭୯ ଖଣ୍ଡ ଭୋଟ, କଂଗ୍ରେସର ସତ୍ୟଜିତ ପଟ୍ଟନାୟକ ୧୭୧୧୦ ଖଣ୍ଡ ଭୋଟ ପାଇଥିଲେ। ମହାପାତ୍ର ୧୬୩୨୫ ଖଣ୍ଡ ଭୋଟରେ ବିଜୟୀ ଲାଭ କରିଥିଲେ। ୨୦୧୯ରେ ଶାସକ ଦଳ ପୁଣି ପ୍ରଧାନଙ୍କ ଉପରେ ଭରସା କରି ଟିକେଟ ଦେଇଥିଲା। ସେ ୬୯୮୪୯ ଖଣ୍ଡ ଭୋଟ ପାଇଥିଲା ବେଳେ ସୁରମା ପାଢ଼ୀ ୬୫୫୯୮ ଖଣ୍ଡ ଭୋଟ ଓ କଂଗ୍ରେସର ଶୁଭଶ୍ରୀ ପଣ୍ଡା ୯୨୧୫ଖଣ୍ଡ ଭୋଟ ପାଇ ଅମାନତ ହରାଇଥିଲେ।

ବାରମ୍ବାର କଂଗ୍ରେସର ପ୍ରାର୍ଥୀମାନେ ତୃତୀୟ ସ୍ଥାନରେ ରହୁଥିବାରୁ ଚଳିତ ଥର ନିର୍ବାଚନ ପାଇଁ କଂଗ୍ରେସ ପ୍ରାର୍ଥୀ ଦେବାକୁ ଅଧିକ ଚିନ୍ତା କରୁଛି। କଂଗ୍ରେସର ଗୋଷ୍ଠୀ କନ୍ଦଳ ଓ ଦୁର୍ବଳ ନେତୃତ୍ୱ ପରାଜୟର କାରଣ ହୋଇଛି। ଫଳରେ କାହାକୁ ପ୍ରାର୍ଥୀ କଲେ ଦଳ ପୂର୍ବ ଗୌରବ ଫେରି ପାଇବ ସେ ସଂକ୍ରାନ୍ତରେ ଦଳୀୟ ନେତୃମଣ୍ଡଳୀ ଚିନ୍ତା କରୁଛନ୍ତି। ୨୦୦୫ ପରଠାରୁ ରମା ମିଶ୍ର ଦଳଠାରୁ ଦୂରେଇ ଯାଇଛନ୍ତି। ଏହାପରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ତଥା ରାଷ୍ଟ୍ରୀୟ ସଙ୍ଗଠନ ସମ୍ପାଦକ ସତ୍ୟବ୍ରତ ନାୟକ ଗତ ୨୦ ବର୍ଷ ହେବ ଏହି ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ପ୍ରତ୍ୟେକ କର୍ମୀଙ୍କ ସହିତ ଯୋଡ଼ି ହୋଇ ରହିଛନ୍ତି। ସେଥିପାଇଁ ସେ ଏଥର ଟିକେଟ୍ ପାଇବେ ବୋଲି ଆଶା ବାନ୍ଧିଛନ୍ତି। ସେହିପରି ପୂର୍ବତନ ମନ୍ତ୍ରୀ ରମାକାନ୍ତ ମିଶ୍ରଙ୍କ ପୁତୁରା ବିଭୁପ୍ରସାଦ ମିଶ୍ର ଗତ କିଛିମାସ ହେବ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଉ ଥିବା ଦେଖିବାକୁ ମିଳୁଛି। ଦଳ ତରଫରୁ ଟିକେଟ୍ ଦୌଡ଼ରେ ସେ ମଧ୍ୟ ଅଛନ୍ତି। ଏପରି ପରିସ୍ଥିତିରେ କଂଗ୍ରେସରେ ଗୋଷ୍ଠି କନ୍ଦଳ ବଢ଼ିଛି। ସତ୍ୟବ୍ରତ ଓ ବିଭୁପ୍ରସାଦଙ୍କ ସହିତ ଅନ୍ୟ କେତେଜଣ ବି ଟିକେଟ୍ ଦୌଡ଼ରେ ରହିଛନ୍ତି। ଦଳ କାହାକୁ ପ୍ରାର୍ଥୀ କରିବ ସେ ସଂକ୍ରାନ୍ତରେ ଅଳ୍ପ ଦିନ ମଧ୍ୟରେ ସ୍ପଷ୍ଟ ହେବ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

